GOVERNMENT OF INDIA
NATIONAL LIBRARY, CALCUTTA.

OR

Class No. 891.452

Book No. R428p

N. L. 38.

MGIPC—S8—21 LNL/59—25-5-60—50,000.

GOVERNMENT OF INDIA

NATIONAL LIBRARY

CALCUTTA.

This book was taken from the Library on the date last stamped. A late fee of 6 nP. will be charged for each day the book is kept beyond a month.

N. L. 44.

MGIPC—S1—37 LNL/60—12-1-62—50,000.

# ପ୍ରେମତରଙ୍ଗ ନାଟକ

ଚିକିଟି-ଅଧୀଶ୍ୱର

ଶ୍ରୀ ରାଧାମୋହନ ରାଜେନ୍ଦ୍ରଦେବ କର୍ତ୍ତୃକ

ରଚିତ

ଓ

ପ୍ରକାଶିତ

1775

CUTTACK

Printed by the Cuttack Printing Co. Ld

1910.

ମୂଲ୍ୟ ଟ ୦ ୴

25 % Extra

Or.
891.452
R 428 b.

NATIONAL LIBRARY
No 2432.
Date 4-1-58.
CALCUTTA



ଚକିଟୀ—ଅଧୀଶ୍ୱର

ଶ୍ରୀ ଶ୍ରୀ ଶ୍ରୀ ରାଧାମୋହନ ରାଜେନ୍ଦ୍ର ଦେବ ।

ଉପୋଦ୍ଘାତ ।

ଶ୍ରୀମତୀ ଉତ୍କଳ ସରସ୍ୱତୀ ପ୍ରତିବେଶିନୀ ସ୍ୱସା ବିଳାସିନୀମାନଙ୍କ ମଧ୍ୟରେ ଦୁରନ୍ତ ଦୀନଦଶାକ୍ରାନ୍ତ ହୋଇ ମନ୍ଦଭାଗିନୀ ଜନପରି ସମସ୍ତ ଅତିବାହିତ କରୁଥିବାର ଦେଖି ସର୍ବସମ୍ଭାବନାସ୍ପଦ କବିଚକ୍ରଚୂଡ଼ାମଣି ଭଞ୍ଜ ବୀରବର ଓ କବିସୂର୍ଯ୍ୟପ୍ରମୁଖ ମହାନୁଭାବମାନେ ତାଦୃଶ ଦଶା ପରିବର୍ତ୍ତେ ସକଳ ଶ୍ରୀସମ୍ଭାର ସମ୍ବର୍ଦ୍ଧନ କରିବାକୁ ସଙ୍କଳ୍ପ କରି ଚିରକାଳହେଲା ଅମୂଲ୍ୟ ଓ ଅପରିମିତ ନିଜ ନିର୍ମିତ ସନ୍ଦର୍ଭମୟ କନକରତ୍ନଜାଳରେ ତଦୀୟ ଭାଣ୍ଡାଗାର ପୂର୍ତ୍ତି କରିବାକୁ ଲାଗିଲେ, ଯହିଁରୁ ସେହି ମହାତ୍ମାମାନଙ୍କ ଅନଳ୍ପତର କବିତା ଶିଳ୍ପସମ୍ଭୂତ ନାନାବିଧ ଅଳଙ୍କାର ଆଦାନ କରି ଭଗବତୀ ଉତ୍କଳ ସରସ୍ୱତୀ ବିଭୂଷିତା ହୋଇ ନିଜ ସେବକମାନଙ୍କ ସମକ୍ଷରେ କ୍ଷଣେ କ୍ଷଣେ ଆବିର୍ଭୂତ ହୋଇଥାଏ । ଯଦି ବା ତାଦୃଶ ଭାଣ୍ଡାଗାରକୁ ତାବତୀ ସମୃଦ୍ଧିହିଁ ପର୍ଯ୍ୟାପ୍ତ ହୋଇ ପାରେ, ତଥାପି ଅପୂର୍ବ ଓ ବିଲକ୍ଷଣ ବସ୍ତୁବିଶେଷରେ ସମ୍ଭୃତ ନୋହିବା ପର୍ଯ୍ୟନ୍ତ ତାହାର ସର୍ବତୋମୁଖୀ ଉତ୍କର୍ଷ ସମ୍ପାଦିତ ହୋଇ ପାରିବ ନାହିଁ ଏହି ଚିନ୍ତା ପୋଷଣ କରି ଅଧୁନାତନ ଶବ୍ଦଶିଳ୍ପିମାନେ ନବ ନବ ଦୃଶ୍ୟ ଓ ଶ୍ରାବ୍ୟ କାବ୍ୟସମ୍ପତ୍ତି ଯୋଗ କରିବାଦ୍ୱାରା ଉକ୍ତ ଭାଣ୍ଡାଗାରର ଅଭାବ ପୂର୍ତ୍ତି କରିବା ନିମିତ୍ତେ ବହୁତର ଚେଷ୍ଟାନ୍ୱିତ ହେଉଅଛନ୍ତି । ତଥାପି ବନିତା ସ୍ୱଭାବରୁ ଭଗବତୀ ଦିନକୁଦିନ ଅପୂର୍ବ ପଦାର୍ଥମାନଙ୍କରେ ପୁନର୍ଲାଳାୟିତ ହେବାର ଦେଖା ଯାଉଅଛି । ଅତଏବ ଉତ୍କଳ ମଣ୍ଡଳର ପ୍ରତିଦିଗ୍ଭାଗରେ କାବ୍ୟକଳାବିଦଗ୍ଧ କବିମାନେ ଅହରହଃ ଅପୂର୍ବ ନିବନ୍ଧବନ୍ଧୁର ବିବିଧ ସନ୍ଦର୍ଭ ରଚନାରେ ବ୍ୟାପୃତ ହୋଇଥିବାର ଦେଖାଯାଏ । ସାହିତ୍ୟାଭିଳାଷିଗଣ, ତେବେ ଏହି ଅବସରରେ ମୁଁ ମଧ୍ୟ ତଥାବିଧ ବ୍ୟବସାୟରେ ଯଦି ବ୍ୟସନୀ ହୋଇ ପାରେଁ ତାହା ହେଲେ ସର୍ବସାମାନ୍ୟରେ କାହିଁକି ମଦୀୟ ବ୍ୟବସାୟ ବହୁମତ ନୋହିବ? ଏହି ଧୈର୍ଯ୍ୟକୁ ଅବଲମ୍ବନ କରି ମୁଁ ସ୍ୱଭାବତଃ ପରିମିତମତି ହେଲେହେଁ ଆପଣମାନଙ୍କ ସଦୃଶ ସାଧୁ ସରସ ସାହିତ୍ୟରସଭାବିତହୃଦୟ ସହୃଦୟମାନଙ୍କର ସୌହୃଦ ଓ ସମ୍ପର୍କ-ବଶରୁ ସନ୍ନତର ସୁମନସ ସୌରଭପରି ସାହିତ୍ୟ-ସେବା ବାସନା ମାତ୍ର ସଙ୍କ୍ରାନ୍ତ ହେବାରୁ ତାହାକୁ ପରିକର କରି ଆତ୍ମୀୟ ଶକ୍ତିର ଅବଲମ୍ବନରେ ତାଦୃଶ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେଲି । କାବ୍ୟରଚନା ଯଦି ସଙ୍ଗୀତସଙ୍ଗିନୀ ହୋଇ ଥାଏ, ଶର୍କରାସଂଯୁକ୍ତ କ୍ଷୀର ନ୍ୟାୟରେ ଅତିଶୟରେ ସହୃଦୟମାନଙ୍କ

ହୃଦୟାବର୍ଜ୍ଜନ କରି ପାରିବ, ବିଶ୍ୱର ସଙ୍ଗୀତସମ୍ବଳିତ ଦୃଶ୍ୟ କାବ୍ୟ ଖଣ୍ଡିଏ ରଚନା କରିବାକୁ ଅଭ୍ୟସର ହେବନ ।

କାବ୍ୟଂ ଯଶସେଽର୍ଥକୃତେ ବ୍ୟବହାରବିଦେ ଶିବେତରକ୍ଷତୟେ ।
ସଦ୍ୟଃ ପରନିର୍ବୃତୟେ କାନ୍ତାସମ୍ମିତତୟୋପଦେଶଯୁଜେ ।

ଇତ୍ୟାଦିବାକ୍ୟଙ୍କୁ ପ୍ରମାଣ କରି ସମାଜନିବନ୍ଧନ ବିଚିତ୍ର ଚରିତ ବର୍ଣ୍ଣନ ଓ ନାନାରସପରିପୂର୍ଣ୍ଣ କୌଣସି ଇତିବୃତ୍ତର ସମାଶ୍ରୟରେ ନିଜ ଆକାଙ୍କ୍ଷା ଫଳବତୀ କରିବା ସକାଶେ କମନୀୟ କଥାପ୍ରପଞ୍ଚର ଆଲୋଡ଼ନ କରୁ କରୁ କବି ସାର୍ବଭୌମ ଭଟ୍ଟ ବାଣବିରଚିତ କାଦମ୍ବରୀ କାବ୍ୟର କଥା କେବଳ ମୋର ମନୋମନ୍ଦିରରେ ନିବିଷ୍ଟ ହୋଇଥିଲା । ଅତଏବ ସେହି କଥାକ୍ରମକୁ ଅନୁସରଣ କରି ତାଦୃଶ ପବିତ୍ର ପ୍ରେମରସମାଂସଳ କଥାପ୍ରବାହକୁ ଏକତରଙ୍ଗ ପରିମାଣରେ ସଂକ୍ଷିପ୍ତ କରି ପ୍ରାଚୀନ ଓ ନବୀନ ସମ୍ବିଧାନର ଅବରୋଧରେ ମୁଁ ଏହି ନାଟକ ବିରଚନ କରି ଏହାକୁ ପ୍ରେମତରଙ୍ଗ ନାମରେ ଅଭିହିତ କଲି । ଏହି ଗ୍ରନ୍ଥର ସାହିତ୍ୟ ଓ ସାଙ୍ଗୀତିକ ଭାଗର ଅଧିକ ପରିମାଣରେ ସଙ୍ଗୀତସାହିତ୍ୟନିପୁଣ ଶ୍ରୀ ସଦାଶିବ ବିଦ୍ୟାଭୂଷଣ, ପ୍ରାଚୀନ କବିପ୍ରୟୋଗ ନିଦର୍ଶନାଦିରେ ସ୍ଥାନୀୟ ପଣ୍ଡିତ ଅଧ୍ୟାପକ ବିଶ୍ୱାସରାଇ ଓ ଆପ୍ତସଖା ମୋହନ ପଣ୍ଡିତ ମାନେ ସହକର୍ତ୍ତା ଥିଲେ । ସକଳ ଶାସ୍ତ୍ରଜ୍ଞ ଶ୍ରୀ ଗଦାଧର ବିଦ୍ୟାଭୂଷଣ ଓ ଶ୍ରୀ ଭାରତୀଭୂଷଣ ମହାଶୟ ଏଥିର ସଂଶୋଧନକର୍ତ୍ତା । ଯଦ୍ୟପି ମୁଁ ସନ୍ଦର୍ଭଟିକୁ ଅଚିରରେ ସମାପନ କରି ଦେଇଅଛି, ତଥାପି ଆପଣାକୁ ଅଦ୍ୟାପି କୃତକୃତ୍ୟ ଜ୍ଞାନ କରି ନାହିଁ, ଯେହେତୁ ମହାତ୍ମା କାଳିଦାସ କହିଅଛନ୍ତି —

ଆପରିତୋଷାଦ୍ବିଦୁଷାଂ ନ ସାଧୁ ମନ୍ୟେ ପ୍ରୟୋଗବିଜ୍ଞାନଂ ।
ବଳବଦପି ଶିକ୍ଷିତାନାମାତ୍ମନ୍ୟପ୍ରତ୍ୟୟଂ ଚେତଃ ।

ଅତଏବ ସହୃଦୟମଣ୍ଡଳୀ ମୋର ଈଦୃଶ ସନ୍ଦର୍ଭଗର୍ଭରୁ ସମବିଷ୍ଟ ଗୁଣାବଳୀ ଗ୍ରହଣ କରି ପ୍ରୀତିଲାଭ କରିବା ସଂବାଦ ଯେଉଁ ଦିନ ମଦୀୟ ଶ୍ରବଣସୀମାରେ ବିଶ୍ରାନ୍ତି ଲାଭ କରିବ, ସେତେବେଳେ ଆପଣାକୁ କୃତକୃତ୍ୟ ଜ୍ଞାନ କରିବି । ଈଦୃଶ ଆଶା ପଥରେ ଧାବନ କରି ମୁଁ ବର୍ତ୍ତମାନ ଶ୍ରୀମଦୁଜ୍ଜ୍ୱଳ ସରସ୍ୱତୀଙ୍କ ଚରଣାରବିନ୍ଦଯୁଗଳରେ କୁସୁମାଞ୍ଜଳି ସ୍ୱରୂପ ମଦୀୟ ଏହି ଗ୍ରନ୍ଥଟି ସମର୍ପଣ କରୁଅଛି । ଇତି ।

## ନାଟକୋକ୍ତିର ପାତ୍ର ଓ ପାତ୍ରୀ ଗଣ ।

| ପୁରୁଷ | ସ୍ତ୍ରୀ |
|---|---|
| ସୂତ୍ରଧାର | ନଟୀ |
| ପୁଣ୍ଡରୀକ | ମହାଶ୍ୱେତା |
| କପିଞ୍ଜଳ | ତରଳିକା |
| ଚନ୍ଦ୍ର | ମଧୁକରିକା |
| ମନ୍ଦାରକ | ମଞ୍ଜରୀ |
| ପଦ୍ମନାଭ | କାଦମ୍ବରୀ |
| ଚନ୍ଦ୍ରାପୀଡ଼ | ମଦଲେଖା |
| ବୈଶମ୍ପାୟନ | ଦାସୀ |
| ସେନାପତି | ପତ୍ରଲେଖା |
| କେୟୂରକ | କୁଳ ସବଙ୍ଗୀ |
| କଞ୍ଚୁକୀ | ମନୋରମା |
| ବୃଦ୍ଧ ସେବକ | |
| ତାରାପୀଡ଼ | |
| ଶୁକନାଶ | |
| ଦଶରଥ | |
| ହଂସ | |



# ପ୍ରେମତରଙ୍ଗ ନାଟକ ।

ମୃଗ ଗମନ କ୍ରିୟା ମୀମାଂସା ପ୍ରଭ । ଅହଁତାନ ।

ନାନ୍ଦୀ— ଶ୍ରୀ ସୀତାମାନସହଂସ, ରମ୍ୟ ଚନ୍ଦ୍ରକୂଟବିହାର,
ମାୟାଧାର, ମାରସ୍ମର, ଗୌତମକାମିନୀପଶକାର,
ପଦ୍ମଲୋଚନ, ଫଂସମୋଚନ, ଶୋଭନ, ସଜ୍ଜନବୃନ୍ଦମଣ୍ଡନ । ପଦ ।

ଗିରୀଶ ନୂତ ଚରଣ, ନତଶରଣ, ପ୍ରଳୟସୃଷ୍ଟିଉତ୍ସର୍ଗମୂଳକାରଣ,
ଖରବିନାଶନ, ଶମିତଦୂଷଣ, କ୍ରୂରଦୈତ୍ୟଗଣନିରସନ—
ଆପ୍ତସମ୍ପ୍ରୋଦକ ପ୍ରବଳ ଜ୍ୱଳନ, ବୃଷାନୀଳ ଶ୍ୟାମଳାପଘନ,
ଜୟ ରଘୁକୁଳକୁମୁଦ୍ଵତୀସୁଧାକର, ଭବଜଳନିଧିପୋତ, ଶ୍ରୀଧର ।୧।

( ନାନ୍ଦ୍ୟନ୍ତେ ସୂତ୍ରଧାର )

ସୂତ୍ରଧାର— ଅଧିକ ପ୍ରସଙ୍ଗରୁ କି ଫଳ ? ସଭ୍ୟବୃନ୍ଦ ! ଅଦ୍ୟ ଏହି ବସନ୍ତ ମହୋତ୍ସବରେ ଗୋଟିଏ ବିଚିତ୍ର କଥାସମ୍ବଳିତ ନବୀନ ନାଟକର ଅଭିନୟ କରି ଆପଣମାନଙ୍କ ଚିତ୍ତ ବିନୋଦ କରିବାକୁ ଆକାଂକ୍ଷା ବଳବତୀ ହେବାରୁ ମୁଁ ଏ ରଙ୍ଗସ୍ଥଳରେ ଉପସ୍ଥିତ ହେଲି । ( ସ୍ୱଗତ ) କିନ୍ତୁ ସେହିପରି କି ନାଟକ ଅଛି, ସ୍ମରଣ ହେଉ ନାହିଁ । (କ୍ଷଣେ ଚିନ୍ତା କରି) ହଁ ସ୍ମରଣ ହେଲା । (ପ୍ରକାଶ) ଅଦ୍ଭୁତ ସମ୍ବନ୍ଧଘଟିତ ପ୍ରସିଦ୍ଧ ଆଦିରସାଳଂକୃତ ବାଣକୃତ

କାଦମ୍ବରୀ ନାମକ ମହାକାବ୍ୟାମୃତରୁ ସାଗରମନ୍ଥନରୁ ଅମୃତନ୍ୟାୟ ଶ୍ରୀ ରାଧାମୋହନ ରାଜେନ୍ଦ୍ର ଦେବ ଉତ୍କଳ ଭାଷାରେ ନାଟକ ରଚନା କରିଅଛନ୍ତି, ତାହାହିଁ ଅଭିନୟ କରିବ । କିନ୍ତୁ ଏ କାର୍ଯ୍ୟ ନଟୀର ସାହାଯ୍ୟ ବିନା ସିଦ୍ଧ ହେବା କଠିନ । ଅତଏବ ଗୃହକୁ ଯାଇ ନଟୀକି ଆହ୍ୱାନ କରିବ । ( ଗୃହାଭିମୁଖେ ଯାଇ ) ପ୍ରିୟେ ନଟି ! ଯେବେ ତୁମ୍ଭର ବେଶ ଭୂଷାଦି ସିଦ୍ଧ ହୋଇଥାଏ, ତେବେ ଏଠାରେ ଏ ଅଡ଼େ ଆସ ।

( ଗାଇ ଗାଇ ନଟୀ ପ୍ରବେଶ )

ରାଗ ଆଠ । ବା ସୁନନ୍ଦାମଣି ପ୍ରଭୃ । ୨ ।

ନଟୀ— ଏ ନିନ୍ଦା ମୋ ମନରୁ ଯାଉ ନାହିଁଟି ସତେ ।
ନାହିଁ ଅଦ୍ଭୁତ ପ୍ରେମ ଭାବ ଭାବ ସଂସାରେ । ପଦ ।
ସୁକାନ୍ତା କାନ୍ତ ପ୍ରେମେ ବଶ ହୁଏ ଯେମନ୍ତେ,
ସେମନ୍ତ ପ୍ରିୟ ପ୍ରେମ ତାରେ ନୁହେ ପରତେ । ୧ ।
ପକ୍ଷୀର ପଢ଼ ବିନା ଦୈବ ନାହିଁ ଜଗତେ,
ମାତ୍ର ପଢ଼ର ପ୍ରୀତିପାତ୍ରୀ ଅଛନ୍ତି କେତେ । ୨ ।

ସୂତ୍ରଧାର— ପ୍ରିୟେ ! ଅକାରଣରେ ଏ କି ନିନ୍ଦା ?

ନଟୀ— ଆର୍ଯ୍ୟପୁତ୍ର ! ଅକାରଣ କିପରି ? ଆପଣହିଁ ପ୍ରଧାନ କାରଣ ।

ସୂତ୍ରଧାର— ପ୍ରିୟେ ! ଏହା ତୁମ୍ଭର ଭ୍ରମ, ହେଉ ଆଜି ଏହିଠାରେ ତାହା ଦୂର ହୋଇଯିବ ।

ନଟୀ— ନାଥ ! ମୋ ଭ୍ରମ କିପରି ଦୂର ହେବ ?

ସୂତ୍ରଧାର— ନାଟକାଭିନୟରେ ।

ନଟୀ— ବୁଝିଲି, ସଂସାରର ବ୍ୟବହାର ସକଳ ସରସରୂପେ ନାଟକରେ ଦେଖାଯାଏ; କିନ୍ତୁ ସେହିପରି କେଉଁ ନାଟକ ଅଛି ?

ସୂତ୍ରଧାର— କାଦମ୍ବୀଚରିତ ପ୍ରେମତରଙ୍ଗ ନାମକ ନାଟକ ।

ନଟୀ— ତହିଁରେ କି ସ୍ତ୍ରୀ ଓ ପୁରୁଷର ଅନୁରାଗ ସମଭାବରେ ବର୍ଣ୍ଣିତ ଅଛି ?

ସୂତ୍ରଧାର— କେବଳ ତାହା ନୁହେ; କେତେକ ଅଂଶରେ ସ୍ତ୍ରୀ ଅପେକ୍ଷା ପୁରୁଷରହିଁ ପ୍ରେମ ଅଧିକ ବୋଲି ପ୍ରତୀତ ହେବ ।

ନଟୀ— ଆର୍ଯ୍ୟପୁତ୍ର ! କାଦମ୍ବୀଚରିତ ଅବଶ୍ୟ ଚିତ୍ତାକର୍ଷକ । କିନ୍ତୁ କେବଳ ଆଦିରସପୂରିତ ବୋଲି କେହି କେହି ଘୃଣା କରି ପାରନ୍ତି ।

ସୂତ୍ରଧାର— ମୁଗ୍ଧେ ! ତୁମ୍ଭେ କହିବା କଥା ଯଥାର୍ଥ—ଯଦି ଆଦିରସ ସୀମା ଲଙ୍ଘନ କରିଥାଏ, ତେବେ ତାହା ଅବଶ୍ୟ ଘୃଣାର ଯୋଗ୍ୟ । କିନ୍ତୁ ଉପଯୁକ୍ତରୂପେ ବର୍ଣ୍ଣିତ ହେଲେ ଚିତ୍ତାହ୍ଲାଦକର ଏବଂ ବିଶୁଦ୍ଧ ଦାମ୍ପତ୍ୟ ପ୍ରେମର ଉପଦେଶକ, ପାତିବ୍ରତ୍ୟ ଧର୍ମର ମୂଳବୀଜ ହେବାରେ ସନ୍ଦେହ କିଣ ?

ନଟୀ— ନାଥ ! ଏ ନାଟକର କବି କିଏ ?

ସୂତ୍ରଧାର— ଯାକ

ସକଳକଳାପୂରିତ ଶ୍ରୀ କିଶୋରଚନ୍ଦ୍ରରାଜେନ୍ଦ୍ରତନୟ,
କ୍ଳିଷ୍ଟିଦସୁଧାଧୀଶ କାବ୍ୟରସରଞ୍ଜିତ-ଉଦାରହୃଦୟ,
ସଦ୍ଗୁଣଗଣପାତ୍ର ଶ୍ରୀ ରାଧାମୋହନ ରାଜେନ୍ଦ୍ର ।

ନଟୀ— କି ଜାଣିନି, ଯେ ଯୌବନ ଏବଂ ରାଜପଦରେ ପ୍ରତିଷ୍ଠିତ ହୋଇ ଥିବା ସକଳ ସୁଗୁଣାଲଙ୍କୃତ, ଯେ ଆବାଲ୍ୟରୁ ସାହିତ୍ୟୋଦଧିରେ ନିଜ ଚିତ୍ତକୁ ପୂତ କରିଅଛନ୍ତି, ସେହି ରାଜାଙ୍କ ? ହେଉ, ଏବେ ମତେ କି ଆଜ୍ଞା ହେଉଅଛି ?

ସୂତ୍ରଧାର— ପ୍ରିୟେ ! ସଂପ୍ରତି ପ୍ରଚଳିତ ଋତୁରାଜ ବସନ୍ତକୁ ମଧୁର ସଙ୍ଗୀତରେ ବର୍ଣ୍ଣନ କରି ସଭାସଦଙ୍କ ଚିତ୍ତ ବିନୋଦ କର ।

ନଟୀ— ଯେ ଆଜ୍ଞା ।

ମହାଶ୍ୱେତା— ସଖି ! ସ୍ୱେଚ୍ଛାରେ ବିବାହ ଅଙ୍ଗୀକାର କରିବା ମୋ ପକ୍ଷେ ଅସମ୍ଭବ ।

ତରଳିକା— ଭର୍ତ୍ତୃଦାରିକେ ! ତୁମ୍ଭେ ଗନ୍ଧର୍ବରାଜ ହଂସଙ୍କର ଏକମାତ୍ର ଗୌରବାନ୍ୱିତା କନ୍ୟା, ତୁମ୍ଭର କାମନାର ଅନ୍ତରାୟ କିଛି ହୋଇ ନ ପାରେ, ତେବେ ଅସମ୍ଭବ କି କାରଣରୁ ?

ମହାଶ୍ୱେତା— ତରଳିକେ ! ତୁ ବିଶ୍ୱସ୍ତା ସଖୀ, ଅତଏବ ତତେ ମନୋଗତ ବିଷୟ କହିବାରେ କିଛି ଆପତ୍ତି ନାହିଁ । ମୋ ମନରେ ଚିର ଦିନରୁ ଏହି ବାସନା ଅଛି କି ପ୍ରାଣସଖୀ କାଦମ୍ବରୀର ଆଉ ମୋହର ବିବାହ ଏକ ସମୟରେ ହେବ, ଏହାହିଁ କାରଣ ।

ତରଳିକା— ଭର୍ତ୍ତୃଦାରିକେ ! ତୁମ୍ଭପରି ଯଦି କାଦମ୍ବରୀ ଏହି କାମନା କରି ଗୁପ୍ତ ରଖିଥିବେ, ତେବେ ଉଭୟଙ୍କର ଔଦାସୀନ୍ୟହିଁ ପ୍ରକାଶିତ ହେବ । ଏପରି ହେଲେ ଗୁରୁଜନ କିପରି ଏହା ସିଦ୍ଧ କରି ପାରିବେ ?

ମହାଶ୍ୱେତା— ସଖି ! ସକଳ ବିଷୟ ଭବିତବ୍ୟତାଧୀନ । ବର୍ତ୍ତମାନ ସ୍ଥିତି ଆଉ କ୍ଷଣକେ କଣ ହୋଇ ପାରେ, ତାହା ଜାଣିବା ପ୍ରାଣିର ଅସାଧ୍ୟ । ଏବେ ଏ ଶିଳାତଳବିଲକ୍ଷିତ ପାର୍ବତୀ ସହ ଭଗବାନ୍ ଶଙ୍କରଙ୍କ ବନ୍ଦନା କରିବା ।

ତରଳିକା— ଭର୍ତ୍ତୃଦାରିକେ ! ତେଣେ ଦେବୀଙ୍କ ପୂଜା ଅର୍ଦ୍ଧାବଶିଷ୍ଟ ହୋଇଥିବ, ଶୀଘ୍ର ଚାଲ ।

ମହାଶ୍ୱେତା— (ଯାଉ ଯାଉ ସାଶ୍ଚର୍ଯ୍ୟ) କି ଆଶ୍ଚର୍ଯ୍ୟ !

ରାଗ ପିଲୁ । ତାଳ ରୂପକ । ଋତୁ ଅଥବା ବାସନ୍ତୀ ପ୍ରଭ । ୫ ।

ଆହା କି ଅସମ ଗନ୍ଧ ମନେ ଦିଅଇ ହେଉଛି ଆନନ୍ଦ ।
ପ୍ରସରେ ବନତଟର ବିକଶିତ ସୁରଭି କୁସୁମବୃନ୍ଦ । ପଦ ।

କମଳ ତେଜି ମିଳନ୍ତି ଆସି ତହିଁ ପ୍ରତି ଲୋଭ ଅଳି ।
ସର-ନୀର-ତଟ ନବଧାରେ ଗତି କଳ୍ପତରୁ କି ଯଥା । ୧ ।

ତରଳିକା— ସତେ ଏ ଅପୂର୍ବ ପରିମଳର କାରଣ ମତେ କିଛି ବୋଧ ହେଉ ନାହିଁ ।

( ପୁଣ୍ଡରୀକ ଓ କପିଞ୍ଜଳ ପ୍ରବେଶ )

ପୁଣ୍ଡରୀକ— ସଖେ କପିଞ୍ଜଳ ! କୈଳାସନାଥଙ୍କ ପୂଜା ନିମନ୍ତେ ପୁଷ୍ପ ତୋଳିଲ ?

କପିଞ୍ଜଳ— ସଖେ ପୁଣ୍ଡରୀକ ! ତୋଳିଲି, ଏବେ ଏ ଅଚ୍ଛୋଦସରରେ ସ୍ନାନ କରି ପୂଜା କରିବାଲାଗି ଯିବା ।

ମହାଶ୍ୱେତା— ( ପୁଣ୍ଡରୀକଙ୍କ ଦେଖି ସାଶ୍ଚର୍ଯ୍ୟ ସ୍ୱଗତ ) ଅହା ! କି ବିଶ୍ୱମୋହନ ଆକୃତି, ବିଧାତାର କି ଅଦ୍ଭୁତ ରୂପସୃଷ୍ଟି, ଏହି ସୁକୁମାର ବୟସରେ ଶାନ୍ତରସମୟ ମୁନିବେଶ ଯଥା ବିଶେଷ ଶୋଭାସଂବର୍ଦ୍ଧନ । ହୃଦୟ ! ସ୍ଥିର ହୁଅ । (ପ୍ରକାଶ) ତରଳିକେ ! ଦ୍ରଷ୍ଟବ୍ୟ ଦେଖିଲୁ ? ଏହି ମନୋହରମୂର୍ତ୍ତିଙ୍କ କଣ୍ଠଦେଶରେ ଯେଉଁ ଅଦୃଷ୍ଟପୂର୍ବ ତାରକଶୁଭ୍ର ପୁଷ୍ପଗୁଚ୍ଛ ଲମ୍ବିତ ହୁଏ, ତହିଁରୁ ଏହି ସୁଗନ୍ଧ ପ୍ରସର ହେଉଅଛି ।

( ଏକଦୃଷ୍ଟିରେ ପୁଣ୍ଡରୀକଙ୍କୁ ଚାହିଁବା )

ତରଳିକା— ଭର୍ତ୍ତୃଦାରିକେ ! ଏହି ଦିବ୍ୟାକୃତି ଏବଂ ଦିବ୍ୟ ସୁଗନ୍ଧ ଏ ଲୋକରେ ଦୁର୍ଲଭ ।

ମହାଶ୍ୱେତା— (ସ୍ୱଗତ)

ରାଗ ହିନ୍ଦୁସ୍ତାନୀ ଭୈରବୀ । ତାଳ ରୂପକ । ବଳ ପ୍ରଧାନ ଦେବେ ପ୍ରଭାତୀ

ମଦନ କି ଅନାର୍ଯ୍ୟ,

ଦୁର୍ଲଭ ପଦେ ଆଶା ଦେଖାଇ କରଇ କି ଅକାର୍ଯ୍ୟ ଅହା । ପଦ ।

ସୁରତରଙ୍ଗେ ଯେହୁ ଅନଙ୍ଗ କରନ୍ତି ଶାନ୍ତ ହୃଦ ଅସଙ୍ଗ,
ବରଷ ଜନରେ ତତ୍ ସଙ୍ଗ କରିବେ ଅନିବାର୍ଯ୍ୟ ଆହା । ୧ ।
ଆବୃତ କେଶେ ଯତନେ ମାନେ ବିବୃତ ନାଚ କରନ୍ତି ଗାତ୍ରେ,
ନୃତ୍ୟ ଅତ୍ର ନାହିଁ ତ ସବେ ହସନ୍ତି ଧୈର୍ଯ୍ୟ ଆହା । ୨ ।

ଯେପର୍ଯ୍ୟନ୍ତ ମୋ ଚେତନା ଅଛି ଏବଂ ଏ ମୋ ମଦନବିକାର ବୁଝି ନାହାନ୍ତି, ସେ ମଧ୍ୟରେ ଏ ସ୍ଥଳରୁ ବାହାର ଯିବାହିଁ ଶ୍ରେୟ । ନୋହିଲେ ଏ କ୍ରୁଦ୍ଧ ହୋଇ ଶାପ ଦେଇ ପାରନ୍ତି । (ପ୍ରକାଶ) ସଖି ! ଏହି ନାଥ ସର୍ବଜନବନ୍ଦନୀୟ; ଚାଲ ଏହାଙ୍କୁ ପ୍ରଣାମ କରିବା ।

( ଦୁହେଁ ଦୁହିଙ୍କୁ ପ୍ରଣାମ କରିବା )

କପିଞ୍ଜଳ— ମନୋରଥସିଦ୍ଧିରସ୍ତୁ ।

ପୁଣ୍ଡରୀକ— ( ମହାଶ୍ୱେତାଙ୍କୁ ଚାହିଁ ସ୍ୱଗତ ) ମୁକ୍ତାଫଳଶୁଭ୍ରକାନ୍ତିଦପିତା ଏ ସୁନ୍ଦରୀ କିଏ ?

( ଅଞ୍ଜଳୀ ଗୀତ )

ଏ ବନଦେବୀ ସରେ ବରନାରୀ, କମ୍ପା ଏ ମଧୁମାସର ଶିରୀ,
ମନ୍ମଥ ମାୟା ଅବା ତନୁ ଧରି ଭ୍ରମଇ ଏ ବିପିନେ । ୧ ।

(ଚିନ୍ତା କରି) କିଏସ୍ତୀ ଜନଭୁଲ୍ୟ ଏବେ ଭାବନା କରିବା ମୋ ପରି ବିରକ୍ତର ଅଯୋଗ୍ୟ । ଅତଏବ ଏହି ଚାପଲ୍ୟ ଦୋଷ ନିବାରଣ ନିମନ୍ତେ ପରମାତ୍ମାଙ୍କ ଧ୍ୟାନ କରିବି । ସଚ୍ଚିଦାନନ୍ଦ ! ( ନେତ୍ର ବୁଜିବା )

ମହାଶ୍ୱେତା— ( ନିଶ୍ୱାସ ଛାଡି ସ୍ୱଗତ ) ମରେ ଦେଖି ଏ କାହିଁକି ମୁଦ୍ରିତ ନେତ୍ର ହେଲେ ? ଏହି ତପୋନିଧି ତେଜୋଧାମ ମହାତ୍ମା କେଉଁଠାରେ ? ଏବଂ ମୋହର ପ୍ରାକୃତଜନାନୁମୋଦିତ

ମହାଶ୍ୱେତାର କେଉଁଠାରେ ? ଚଞ୍ଚଳ ହୃଦୟ ! ତୁଳସୀଜନ ହରୁଛ ବ୍ୟବସାୟରେ ପକାଇ ମତେ କାହିଁକି ବିଡ଼ମ୍ବିତ କରୁଅଛ ?

ପୁଣ୍ଡରୀକ— (ସ୍ୱଗତ) କି ବିଡ଼ମ୍ବନା ! ମୁଁ ବ୍ରହ୍ମଧ୍ୟାନ ନିମନ୍ତେ ଚକ୍ଷୁ ମୁଦ୍ରିତ କଲି, କିନ୍ତୁ ଅନ୍ତରରେ ସଚ୍ଚିଦାନନ୍ଦ ରୂପ ପରିବର୍ତ୍ତେ ଏହି ବରବର୍ଣ୍ଣିନୀର ଅନିନ୍ଦ୍ୟଶିଖା ଆକୃତି ପ୍ରକାଶିତ ହେଉଅଛି ! ( ନେତ୍ର ଫିଟାଇ ) ଏ କି ଚମତ୍କାର ! ଏ ପୂର୍ବାପେକ୍ଷା ଅଧିକ ସୁନ୍ଦରୀ ବୋଧ ହେଉଅଛି । ( ସତୃଷ୍ଣଭାବରେ ମହାଶ୍ୱେତାଙ୍କୁ ଚାହିଁବା )

ମହାଶ୍ୱେତା— ( ଜନାନ୍ତିକେ ) ତରଳିକେ ! ଏହାଙ୍କ ବୃତ୍ତାନ୍ତ ବୁଝ ।

ତରଳିକା— ( କପିଞ୍ଜଳ ପ୍ରତି ) ଭଗବନ୍ ! କୌତୁହଳପରବଶ ହୋଇ ଏତେକଥା ପଚାରୁଅଛି, ଆପଣ ଅନୁଗ୍ରହ କରି କହନ୍ତୁ କି, ଏ କେଉଁ ତପୋଧନଙ୍କ ପୁତ୍ର ?

କପିଞ୍ଜଳ— ( ମନେ ହସି ) ବାଳେ ! ଏ ପ୍ରଶ୍ନରୁ ତୁମ୍ଭର କି ପ୍ରୟୋଜନ ? ଅଚ୍ଛା, ଉତ୍ତର ଦେବା ଆମ୍ଭର କର୍ତ୍ତବ୍ୟ, ଶୁଣ ।

ତରଳିକା— ଆଜ୍ଞା କରନ୍ତୁ, ମୁଁ ଅବହିତା ହୋଇଅଛି ।

ପୁଣ୍ଡରୀକ— ( ସ୍ୱଗତ ) ମୁଁ କେତେ ନିଗ୍ରହ କଲେ ସୁଦ୍ଧା ମନ ଉଚ୍ଛୃଙ୍ଖଳ ଭାବରେ ଧାଉଁଅଛି । ଆହା ! କି ଶୁଭ୍ର କାନ୍ତି, କି ସୌନ୍ଦର୍ଯ୍ୟ ! ଭୂଲୋକ, ତୁ ଧନ୍ୟ ! ( ବିଚାରି ) ଶିବ ଶିବ ! ମୁଁ ତାପସ ଓ ବ୍ରହ୍ମଚାରୀ ହୋଇ କି ବିମୂଢ଼ ହୋଇଗଲି ! ମନ, ତୋହର ଏ ମାର୍ଗ ନୋହେ ।

କପିଞ୍ଜଳ—

ରାଗ ଆନନ୍ଦଭୈରବୀ । ତାଳ ଆଡ଼ । ସୁନ୍ଦର ସୁତ କି ବାଳା ପ୍ରତି । ୭ ।

ବିଶ୍ୱବିଦିତ ଶ୍ୱେତକେତୁ ନାମ ସୁରପୁରବାସୀ ।
ଲୋଚନମଧୁର ମୂର୍ତ୍ତି ସିଦ୍ଧବନ୍ଦ୍ୟ ତପ ଜପ ଅଭିଳାଷୀ । ପଦ ।

ଯବେ ସେ ନନ୍ଦନ ନେବା ଲାଗି ଦେବଧୂନୀ ତଟେ ଥିଲେ ଅସି ।
ନୀରଜଦର୍ପିକଲକ୍ଷ୍ମୀ ଗୃହେଁ ବିମୋହିତା ହେଲେ ପିକଭାଷୀ । ୧ ।
ନାହିଁ ଶତଦଳ ପୁଣ୍ଡରୀକେ ସୁରତରେ ହୃଦୟ ନିବେଶି ।
ସେକ୍ଷଣି ଲଭିଲେ ସ୍ୱାର୍ଥସିଦ୍ଧି ମାନସିକ ଭାବେ ସେ ସୁକେଶୀ । ୨ ।

ତରଳିକା— (ସ୍ୱଗତ) ଆହା ! କି ଚମତ୍କାର ସମ୍ବିଧାନ । କମଳଲକ୍ଷ୍ମୀ ଶୁଭ୍ରା ଦେବର୍ଷିଙ୍କ ରୂପରେ ମୋହିତା ହେଲେ । (ପ୍ରକାଶ) ଭଗବନ୍ ! ତହିଁ ଉତ୍ତାରୁ ?

କପିଞ୍ଜଳ—

ଅସ୍ଫୁଟ କମଳ ଦେଖି ତାଙ୍କୁ କୋଳ କରି ମୋଦେ ମୃଦୁହାସୀ ।
ଭ୍ରମର ସୁତ ଏ ବୋଲି ଦେଉ ଜାଣି ତପୋବନେ ଗୁଣରାଶି । ୩ ।
ସେ ସୁତକୁ ପଦ୍ମପାଣି ପୁଣ୍ଡରୀକ ନାମ ଦେଇ ଅନୁରସି ।
ନୋହିଲେ ସକଳ ବିଦ୍ୟା ସେ ଏ ଅଚିରେ ଶିବସେବା ମନାହି । ୪ ।

ମହାଶ୍ୱେତା— (ସ୍ୱଗତ) ଏପରି କୋମଳ ଥିଲେ ଏ ସୌନ୍ଦର୍ଯ୍ୟ କିପରି ହୁଅନ୍ତା ? (ପ୍ରକାଶ) ଭଗବନ୍ ! ଏହି କର୍ଣ୍ଣାବତଂସୀକୃତ କୁସୁମମଞ୍ଜରୀ କେଉଁ ବୃକ୍ଷର ?

କପିଞ୍ଜଳ— ଏହା ଦେବତରୁ ପାରିଜାତମଞ୍ଜରୀ, ଆଜି ଚତୁର୍ଦ୍ଦଶୀ ଯୋଗୁଁ ଆମ୍ଭେ ଦୁହେଁ କୈଳାସବାସୀଙ୍କ ଦର୍ଶନନିମନ୍ତେ ଯାଉଥିଲୁଁ । ମାର୍ଗରେ ନନ୍ଦନବନଦେବୀ ଉପଯୁକ୍ତ ପାତ୍ର ବୋଲି ଏହାଙ୍କୁ ଏହି ପୁଷ୍ପଗୁଚ୍ଛ ଅର୍ପଣ କରିଅଛନ୍ତି ।

ପୁଣ୍ଡରୀକ— (ସସ୍ମିତ) କୁତୂହଳିନି ! ଏତେ ପ୍ରଶ୍ନ କାହିଁକି ? ଯଦି ଏ ପୁଷ୍ପଗୁଚ୍ଛରେ ତୁମ୍ଭର ଇଚ୍ଛା ଅଛି, ତେବେ ଗ୍ରହଣ କର । (ମହାଶ୍ୱେତାଙ୍କ କର୍ଣ୍ଣରେ ଲଗାଇଲାବେଳେ ହସ୍ତରୁ ସ୍ଫଟିକମାଳା ସ୍ଖଳିତ ଏବଂ ମହାଶ୍ୱେତା ତାହା ଗ୍ରହଣ କରି ସ୍ୱକଣ୍ଠରେ ଲଗାଇବା ।)

ନେପଥ୍ୟେ— ଭର୍ତ୍ତୃଦାରିକେ ! ଦେବୀ ଗନ୍ଧର୍ବ ସାର ଗୃହାଭିମୁଖୀ ହୋଇ ଅଛନ୍ତି, ଶୀଘ୍ର ଆସି ସ୍ନାନ କର ।

ମହାଶ୍ୱେତା— ( ସସମ୍ଭ୍ରମେ ) ହା ବିଧେ ! ଏବେ କଣ କରିବି ? (ଗମନୋଦ୍ୟତା ହେବା )

କପିଞ୍ଜଳ—( ପୁଣ୍ଡରୀକ ପ୍ରତି ସକ୍ରୋଧେ ) ସଖେ ପୁଣ୍ଡରୀକ ! ଏ କି ଅପୂର୍ବ ଚେଷ୍ଟା ? ତୁମ୍ଭର ଧୈର୍ଯ୍ୟ, ଇନ୍ଦ୍ରିୟନିଗ୍ରହ, ଶାନ୍ତି, କୁଳକ୍ରମାଗତ ବ୍ରହ୍ମଚର୍ଯ୍ୟ, ବୈରାଗ୍ୟ ଆଦି କାହିଁ ଗଲା ? ଗୁରୁପଦେଶ, ଶାସ୍ତ୍ର, ବିବେକ ସବୁ ନଷ୍ଟ ହେଲା ! ତୋହଲେ ତୁମ୍ଭପରି ବ୍ୟକ୍ତି ସୁଦ୍ଧା ଏପରି ପ୍ରମାଦରେ କଳୁଷିତ ହୁଅନ୍ତି ?

ପୁଣ୍ଡରୀକ— ସଖେ କପିଞ୍ଜଳ ! ଏତେ ଅଧିକ୍ଷେପ କାହିଁକି ? ମୋହର କି ଦୋଷ ଦେଖିଲ ?

କପିଞ୍ଜଳ— ଜଣେ ଯୁବତୀର କର୍ଣ୍ଣରେ ପୁଷ୍ପଗୁଚ୍ଛ ଦେବା ଏବଂ ସେଥିଲାଗି ଆତ୍ମବିସ୍ମୃତ ହୋଇ ନିଜ କରତଳରୁ ପବିତ୍ର ସ୍ଫଟିକମାଳା ଖସାଇବା ତୁମ୍ଭର ଏହା ଉଚିତ ? ସେ ଅନାର୍ଯ୍ୟା ମାଳା ହରଣ କଲା ପରି ତୁମ୍ଭ ହୃଦୟ ସୁଦ୍ଧା ହରଣ କରିବ । ସମ୍ଭାଳ ରହ ।

ପୁଣ୍ଡରୀକ— (କୃତ୍ରିମ କୋପରେ ) ମୋର ସ୍ଫଟିକମାଳା ଏ ଦୁର୍ବିନୀତା ହରଣ କରିଅଛି ? ତେବେ ଏହାର ଏହି ଅପରାଧ ମୁଁ କଦାପି କ୍ଷମା କରିବି ନାହିଁ । ( ମହାଶ୍ୱେତା ପାଖକୁ ଯାଇ) ଚପଳେ ! ମୋହର ମାଳା ନ ଦେଇ ଏଠାରୁ ପଦେ ସୁଦ୍ଧା ଯାଇ ପାରିବ ନାହିଁ ।

ମହାଶ୍ୱେତା— ଭଗବନ୍ ! ଆପଣଙ୍କ ମାଳା ନିଅ, ମୁଁ ନ ଜାଣି ଅପରାଧ କରିଅଛି, କ୍ଷମା କର । ( କଣ୍ଠରୁ ମୁକ୍ତାହାର ବାହାର କରି ଦେଇ ସତୃଷ୍ଣଭାବରେ ପୁଣ୍ଡରୀକଙ୍କୁ ଚାହିଁ ତରଳିକା ସହ ନିଷ୍କ୍ରାନ୍ତ )

ପୁଣ୍ଡରୀକ— ( କପିଞ୍ଜଳ ନିକଟକୁ ଯାଇ ) ସଖେ ! ସେ କେଡ଼େ ମାୟାବିନୀ ! ମୋ ହସ୍ତର ମାଳା ହରଣ କରି ମନେ କରୁଅଛ, କ୍ଷମା କର ! ଏ ଦେଖ, ପୁନର୍ବାର ସେ ସ୍ଫଟିକମାଳା ଆଣିଲି ।

କପିଞ୍ଜଳ— ( ସକ୍ରୋଧେ ) ମୂଢ଼ ! ଏ ସ୍ଫଟିକମାଳା ? ବୋଧ ହୁଏ ମନ୍ମଥ ଏକାବେଳକେ ଅନ୍ଧ କରି ଦେଇଅଛି, ନୋହିଲେ ଏକାବଳୀ ଅକ୍ଷମାଳା କପର ହୁଅନ୍ତା ?

ପୁଣ୍ଡରୀକ— ( ଦେଖି ସଲଜ୍ଜ ସ୍ୱଗତ ) ହାୟ ! କି ବିଭ୍ରମ ? ଏବେ କଣ କହି ପ୍ରାଣସଖାଙ୍କ କୋପ ଶାନ୍ତ କରିବି ? ( ପ୍ରକାଶ ) ସଖେ ! ମୁଁ ସତ୍ୟ କହୁଅଛି, ମୁଁ ଜାଣି ଜାଣି ଏହାକୁ ଆଣି ନାହିଁ ।

କପିଞ୍ଜଳ— ( ସକ୍ରୋଧେ )

ରାଗ ଆଠାଣା । ତାଳ ରୂପକ । ଯା ଯା ତୁ ମଦମତ୍ତ ପ୍ରଭୃ । ୮ ।

ଯା ଯା ତୋ ଭାବ ଅତି ଦିଶଇ ଅପସନ , ମନ ! ପଦ ।
କାମ ହେଲୁ ମଦନାନ୍ଧ ! ପାମର ନରୁ କି ଛନ୍ଦ । ୧ ।
ଧର୍ମବିହୀନ ତୁ କନ୍ୟା । କର୍ମ ଏ କଲୁଷକନ୍ଦ ! ୨ ।
କି ଲାଗୁ ଅଛୁ ତୋ ଗନ୍ଧ । ତୋ ଲାଗି ହେବ ସୁବନ୍ଧ୍ୟ । ୩ ।
( ସକ୍ରୋଧେ ନିଷ୍କ୍ରାନ୍ତ )

ପୁଣ୍ଡରୀକ— ( କ୍ଷଣେ ମୌନ ହୋଇ ) ସଖା ସତେ ବାହାର ଗଲେ ? ଅବଶ୍ୟ, ଏପରି ଶାନ୍ତଚିତ୍ତରେ ସୁଦ୍ଧା କ୍ରୋଧାନଳ ଜାଳିବା-ଭଳି ଅନିବାର୍ଯ୍ୟ ମୋ ହାତରେ ହୋଇ ଯାଇଅଛି । ଏବେ ମୁଁ କଣ କରିବି ? ମୋ ମନ କାମମୋହିତ ହେବାରୁ ଏ ସକଳ ଅନର୍ଥ ଘଟିଲା । ମୋ ନେତ୍ରଚକୋର ସେହି ମୁଖ-ଚନ୍ଦ୍ରର ଲାବଣ୍ୟାମୃତ ପାନ କରି ଚେଷ୍ଟାଶୂନ୍ୟ ହୋଇ-

ସ୍ୱଚ୍ଛ । ଅତଏବ ସ୍ଫଟିକମାଳା ଓ ଏକାବଳୀର ଭେଦ ଜାଣି ପାରଲି ନାହିଁ । ସୁନ୍ଦରୀ ସୁବ୍ରା ଭ୍ରମରେ ଏହା କରଅଛି । ନୋହିଲେ ଏ ସାମାନ୍ୟ ପଥରମାଳା ନେଇ ବହୁମୂଲ୍ୟ ମୁକ୍ତାହାର ଦଅନ୍ତା ? ( ସ୍ୱଗତ ) ହା ! ମୋ ମନ ଯାହାପ୍ରତି ଯେମନ୍ତ ଅନୁରକ୍ତ, ତାହା ମନ ସୁବ୍ରା ମୋ ପ୍ରତି ସେହିପରି ହୋଇଥିବ ? ( ସ୍ୱଗତ ) ଏହା ଅସମ୍ଭବ ।

ସାକ

ଆଶ୍ରମବାସୀ ଫଳମୂଳାଶୀ ଅରସିକ ମୁଁ କେଉଁଠାରେ ।
ପୁଣି କେଉଁଠାରେ ସେ ରସିକା ତରୁଣୀ ସୁକୁମାରୀ ସ୍ୱର୍ଗରେ ।
ମୋ ପ୍ରତି କାହିଁକି ସେ ମନକୁ ବଳାଇବ ସରସେ ।
( ସ୍ୱଗତ ) ନାହିଁ ନାହିଁ, ସଖୀଦ୍ୱାରା ପ୍ରଶ୍ନ କରାଇ ମୋ କଳ୍ପକଥା ଶ୍ରବଣ କରୁଥିବା ବେଳେ—

ରାଗ ଝିଞ୍ଜୋଟି । ତାଳ ରୂପକ । ମଦନତାପ କ୍ଷୁଆ ପ୍ରତି । ୧ ।

ସେ ସୁନ୍ଦରୀ ଅଙ୍ଗଭଙ୍ଗି ବଡ଼ିଶଲଗ୍ନ ଭୁଷି
ନେଲା ହୃଦ-ହ୍ରଦୁଁ ମୋ ମନମୀନ ଓଟାରି । ପଦ ।
ମୋତେ କର୍ଣ୍ଣଅଞ୍ଚଳେ ଦେଉଁ ପୁଷ୍ପମଞ୍ଜରୀ,
ରୋମାଞ୍ଚିତ ଗଣ୍ଡସ୍ଥଳ କି ମାଧୁରୀ ।
ସ୍ମର-ଚାପ-ଜିତ-ଭୁରୁ ଚଳନ କରି,
କମ୍ପାଇଲା ଦନ୍ତବାସ ସେ ଶମ୍ପାଗୋରୀ । ୧ ।

ବାହାର ଗଲାବେଳେ ସୁବ୍ରା—

କାନ୍ତସଦ୍ମ ପଦ୍ମପାଦେ ଛଦ୍ମ ଅନ୍ତର,
ମଞ୍ଜୀରକୁ ଖଞ୍ଜିବାରେ ରହିଲା ପର,

ଚନ୍ଦ୍ର ଅଂଶୁଁ ଏକ ଅଂଶ କେକ ପ୍ରସାର,
ଗର୍ଭାଳସୀ ହଂସୀ ପ୍ରାପ୍ତେ ଗମ୍ଭ ବାହାର । ୨ ।

ଏ ହେତୁରୁ ତାହାର ମନ ସୁଦ୍ଧା ମୋ ପ୍ରତି ସଂଲଗ୍ନ ହୋଇଥିବା ସ୍ପଷ୍ଟ ହେଉଅଛି । ଏପରି ହେଲେହେଁ ସେ କିପରି ଲଭ୍ୟ ହେବ ? ତାହାର ନାମ, ଜନକ, ଜନନୀ, ସ୍ଥାନାଦି କିଛି ମୁଁ ଜାଣି ନାହିଁ, କି ଉପାୟ କରିବି ? କାହାଠାରୁ ବୁଝିବି ? ଲେଶ ହେଲେ ବୁଦ୍ଧି ଦିଶୁ ନାହିଁ !

ରାଗ ତୋଡ଼ି । ତାଳ ଝୁଲା । ଲେକୌବାନାମ୍ବୁଷା ସାନୁ ପ୍ରତି । ୧ ।

କି ସମ୍ମୋହନ ତା ଭଙ୍ଗୀ, ଚଳୁ ଚଞ୍ଚଳନୟନ ଅଞ୍ଚଳ ପିଙ୍ଗି,
ଧଇର୍ଯ୍ୟ ଭଙ୍ଗି ଦେଲା ଶୁଭାଙ୍ଗୀ । ପଦ ।

ଅଧରେ ମଧୁର ହାସ , ମନ୍ଦ ମନ୍ଦ ପରକାଶ,
ବଦନ ପ୍ରସନ୍ନ ହଶେଷେ ସେ ସଦନ ଶୋଭାର ଆଶ୍ରେଷେ,
ହଣେ ହଣେ ଅନଙ୍ଗେ ହଣେ ସେ
ମୋ ତରାବୁଲଙ୍ଗୀ । ୧ ।

( ଚିନ୍ତାକରି ) ତାହାର ଧରିତ୍ରୟ କିପରି ପାଇବି ? ଦାସୀଗଣଙ୍କ ଜଣାଗଲା କି, ସୁନ୍ଦରୀ ନିଜ ମାତାଙ୍କ ସଙ୍ଗେ ସ୍ନାନାର୍ଥେ ଅଚ୍ଛୋଦ ସରକୁ ଆସିଥିଲା , ତେବେ ଏହି ପୁଷ୍ପରେଣୁରେ ପ୍ରକାଶିତ ତାହାର ପଦାଙ୍କ ଅନୁସରଣ କରି ଅଚ୍ଛୋଦ ସରଆଡ଼େ ଯିବି, ତହିଁରୁ ଅନୁସନ୍ଧାନ ମିଳିବ । ( ଯାଉ ଯାଉ ) ହା ! ଅତ୍ୟଳ୍ପ ସମୟ ମଧ୍ୟରେ ମୋ ମନୋବୃତ୍ତି କି ବିପରୀତ ମାର୍ଗରେ ଗଲଲା ?

ଶାର୍ଦ୍ଦୁଳବିକ୍ରୀଡ଼ିତ ବୃତ୍ତ ।

ଯେ ଆକାରବିହୀନ ନିର୍ଗୁଣ ପରଂବ୍ରହ୍ମସ୍ୱରୂପ ସ୍ୱରେ ।
ସେ ସାକାରଗୁଣାନ୍ୱିତା ସୁବଦନା ବାଳା ଭଜେ ସାଦରେ ॥
ହା ! ହା ! ଏ ବିପରୀତ କୃତ୍ୟ ଘଟଇ ପ୍ରତ୍ୟକ୍ଷ ଭୂମଣ୍ଡଳେ ।
ଯାଗଯାଗ ବିବେଚନା ତ ନ ରହେ ଦୁର୍ଦ୍ଦୈବଲୀଳାବଳେ । ୧ ।

ନିଷ୍କ୍ରାନ୍ତ ।

ପ୍ରଥମାଙ୍କ ସମ୍ପୂର୍ଣ୍ଣ ।

# ଦ୍ୱିତୀୟ ଅଙ୍କ ।

—— ०○ଃ-⁂-ଃ○० ——

ଦୃଶ୍ୟ ଅଚ୍ଛୋଦ ସରସୀର ବନପ୍ରଦେଶ । କପିଞ୍ଜଳ ପ୍ରବେଶ ।

କପିଞ୍ଜଳ ।— ( ଚିନ୍ତା କରି ) ଆଜନ୍ମରୁ ସର୍ବଦା ଏକତ୍ର ବାସ କରୁଥିବାରୁ ଏବେ କ୍ଷଣମାତ୍ର-ସୁଦ୍ଧା ପୁଣ୍ଡରୀକ ବିରହ ମତେ ବ୍ୟଥା ଦେଉ-ଅଛି । ହେଉ, ଏବେ ସେ କଣ କରୁଅଛନ୍ତି ଦେଖିବି । ( ପୂର୍ବସ୍ଥାନକୁ ଯାଇ ) ଏଠାରେ ପୁଣ୍ଡରୀକ ନାହାନ୍ତି, ତେବେ କେଉଁ ଆଡ଼େ ଗଲେ ?

ଢାଳ ଉତ୍‌ତାଳ । ଗ୍ରାମ୍ୟବେନାରେ ବାଦସି ପ୍ରଭା । ୧୧ ।

ଖୋଜି ଖୋଜି ସେ ମତେ କାହିଁ ଗଲେ କି ସତେ । ପଦ ।
ହାମେ ବିମୂଢ଼          ହୋଇ କି ଗାଢ଼
ପ୍ରେମେ ସେ ନାଶି ଭୁଲେ ଗଲେ ।
କିବା ମୋଠାରୁ          ସେ ଆସିବାରୁ
ଲଜ୍ଜା ବହି ବନକାନନେ ଲୁଚିଥିବେ ଗୁପତେ । ୧ ।

(ଉଚ୍ଚରେ) ପୁଣ୍ଡରୀକ ! ପୁଣ୍ଡରୀକ ! ମୁଁ କୋପ କରିବା କଥା ମନରେ ନ ଧରି ଶୀଘ୍ର ଆସି ପ୍ରେମାଲିଙ୍ଗନ ଦିଅ । ଏଠାରେ କେହି ନାହାନ୍ତି । ( ଅଗ୍ରେ ଯାଇ ) ମିତ୍ରଙ୍କୁ ନ ଦେଖି ବେଳକୁବେଳ ମୋ ମନରେ ପାପାଶଙ୍କା ହେଉଅଛି, ପଶ୍ଚାତ୍ତାପ ଏବଂ ଲଜ୍ଜାହେତୁରୁ ସେ ପ୍ରାଣତ୍ୟାଗ କରି ପାରନ୍ତି । ( ଅଗ୍ରେ ଦେଖି ) ଓହୋ ! ମୁଁ ଖୋଜି ଖୋଜି ସରୋବର-ତଟକୁ ଆସିଲିଁ । କେଜାଣି ବା ସଖା ସେ କନ୍ୟାସଙ୍ଗେ ଏଠାରୁ

ଅସି ସଖୀ ସହିତ ସେ ଘରକୁ ଯିବା ପରେ ନିଶ୍ଚୟ ହୋଇ
ଏଠାରେ ହେଜିଁ ଲତାମଣ୍ଡପରେ ବସିଥିବେ । ହେଉ,
ଏ ଲତାମଣ୍ଡପରେ ଖୋଜିବି ।

( ଲତାମଣ୍ଡପସ୍ଥ ମୁଦ୍ରିତନେତ୍ର ପଣ୍ଡରୀକଙ୍କ ପ୍ରବେଶ )

( ସହର୍ଷେ ) ଏ ମୋ ମିତ୍ର ? ନାହିଁ ନାହିଁ, ଏ ଜଣେ ନିସ୍ତେଜ
ତପସ୍ୱୀ । ( ନିରୀକ୍ଷଣ କରି ) ମୋର ଦୃଷ୍ଟି ଭ୍ରମ ହେଲା,
ଅବଶ୍ୟ ଏ ମୋ ସଖା । ଶିବ ଶିବ !

ରାଗ ମାୟାମାଳବଗୌଳା । ତାଳ ରୂପକ । ଦେବାଧିଦେବ ପ୍ରଭୃ । ୮ ।

ହା ବିଧେ ! ପ୍ରାଣସଖା ମ୍ଳାନ ଦଶେ କପଉ । ପଦ ।
ମାନସେ ସେ ମାନବତୀ ଧ୍ୟାନ କରି ଶ୍ରାନ୍ତ ଅଙ୍ଗ—
ମାନ ହାରି କେନ୍ଦ୍ରବାରି ଗାତ୍ରେ ଭରି ତକ୍ଷଣରି । ୧ ।
ଦନ୍ତପତ ସ୍ୱାନ୍ତରେ ଲତାନ୍ତରେ ଏକାନ୍ତେ ବସି,
ହାସ ତେଜି ଶ୍ୱାସ ମାରି ହାସକୁ ପ୍ରକାଶ କରି । ୨ ।

ଅଧମ ମନ୍ମଥ ! ତୋର କି ନିର୍ଦ୍ଦୟତା ! ହରିଣ ପ୍ରାୟ ସରଳ-
ସ୍ୱଭାବ ଏହି ମୁନିକୁମାର ତୋଠାରେ କି ଅପରାଧ କଲେ ?
( ନିରେଖି ) କି ଆଶ୍ଚର୍ଯ୍ୟ ! କିପରି ଏତେବେଳକେ ଏହି
ଜ୍ଞାନଶକ୍ତି ବ୍ୟର୍ଥ ହେଲା ? ଯେ ଆବାଲ୍ୟରୁ ନିଜ ଅସ୍ଖଳିତ
ବୃଦ୍ଧିରେ ସକଳ ଜନଙ୍କୁ ଅପ୍ୟାୟିତ କରୁଥିଲେ, ସେ ଏବେ
କ୍ଷଣମାତ୍ରେ ଜ୍ଞାନ, ତପଃପ୍ରଭାବ, ଗାମ୍ଭୀର୍ଯ୍ୟ ହରାଇ ମନ୍ମଥ-
ତାପରୁ ଜଡ଼ ହୋଇଅଛନ୍ତି । ( ନିକଟକୁ ଯାଇ ପଣ୍ଡରୀକଙ୍କ
ସ୍କନ୍ଧରେ ହସ୍ତ ପକାଇ ) ସଖେ ପୁଣ୍ଡରୀକ ! ଏ କଣ ?

ପୁଣ୍ଡରୀକ — ( ନେତ୍ର ଫିଟାଇ ସନିଶ୍ୱାସ ) ସଖେ କପିଞ୍ଜଳ ! ସକଳ କଥା
ଜାଣି ଶୁଣି କାହିଁକି ମତେ ପଚାରୁଅଛ ?

କପିଞ୍ଜଳ — ( ସ୍ୱଗତ ) ଏହାଙ୍କର ଏ ବିକାରର ପ୍ରତୀକାର ଅସମ୍ଭବ,
ତଥାପି ଯାବତ୍ ଶକ୍ତି ପ୍ରୟୋଗ କରି ଏହାଙ୍କୁ ପ୍ରକୃତିସ୍ଥ

କରିବାକୁ ଚେଷ୍ଟା କରନ୍ତି । ( ପ୍ରକାଶ ) ସଖେ ପୁଣ୍ଡରୀକ ! ମୁଁ ସବୁ ଜାଣେ, ତଥାପି ଏତେକ ମାତ୍ର ପଚାରୁଅଛି କି ତୁମ୍ଭର ଏହି ଉଚିତ ଗୁରୁପଦେଶ ? ବା ଧର୍ମଶାସ୍ତ୍ର ପାଠଫଳ ? କିମ୍ବା ପୁଣ୍ୟାର୍ଜ୍ଜନୋପାୟ ? ଅଥବା ବ୍ରତରହସ୍ୟ ? ଏ ନିତ କଷ୍ଟ ମନରେ ଭାବିବା ପୁଣି ତୁମ୍ଭର ଯୁକ୍ତ କି ? ଦେଖ, ପାପୀ ମନ୍ମଥ ତୁମ୍ଭଙ୍କୁ କିପରି ଉପହାସାସ୍ପଦ କରୁଅଛି । ଯେଉଁ ଜନ ପରାଣଭରସ ବିଷୟରେ ସୁଖବୃଦ୍ଧି ଆରୋପ କରେ, ସେ ଅଗ୍ନିଶିଖାକୁ ରତ୍ନଜ୍ଞାନରେ ଧରେ ନହିବାକୁ ନେବ । ସଖେ ! ବିଷୟର ଦୋଷ ପ୍ରତ୍ୟକ୍ଷରୂପେ ଜାଣି ଜାଣି ଏପରି ଜ୍ଞାନହୀନ ହେବା ଉଚିତ କି ? ଛାର ଅନଙ୍ଗ ନିକଟରେ ମାତ୍ର ? ଧୈର୍ଯ୍ୟ ଧର, ଏହି ଦୁରାଚାରକୁ ନିର୍ଭର୍ତ୍ସନା କର ।

ପୁଣ୍ଡରୀକ— ସଖେ ! ଅଧିକ କଥା କାହିଁକି ?

ରାଗ କାମୋଦୀ । ତାଳ ଆଦି । କରୁଣାକର ଶରଣାଗତବୋଲି ପ୍ରଭୁ ।୧୩

ମନ୍ମଥଶାସ୍ତ୍ରକଥାର ପ୍ରଭାବ ଥରେ କର ଜାଣିନ ସଖେ ଅନୁଭବ । ପଦ ।
ଯେ ଜନମ୍ଭ କଷ୍ଟଲେଶ ନ ଜାଣେ, ସେ ଜନ ସୁଜନେ ହିତ ବଖାଣେ,
ଯାଥି ସ୍ୱଭାବ ପ୍ରମାଣେ ମଣେ ଅନ୍ତରରେ ସମୁଦ୍ରାସ୍ଥି କାବ । ୧ ।
ଥାଏ ଯାର ମନ ଭ୍ରମେ ଜ୍ଞାନ, ଉପଦେଶରେ ସେ ଦିଅଇ ଧ୍ୟାନ,
ମୋର ତ କାହିଁ ଏମନ ଅଛି ସଙ୍କଟ ପଥେ ପ୍ରାଣ ଅଛି ଭାବ । ୨ ।

କପିଞ୍ଜଳ— ସଖେ ! ତୁମ୍ଭପରି ଜନର ମନ ପୁଣି ମଦନର ଅଧୀନ, ଏ କଥା ତୁମ୍ଭ ମୁଖରୁ କିପରି ପ୍ରକାଶିତ ହେଲା ? —

ପୁଣ୍ଡରୀକ— ସଖେ ! ଏ ସମୟରେ ଏପରି ମର୍ମସ୍ପର୍ଶୀ ଉପଦେଶ ତୁମ୍ଭ ସମାନ ପ୍ରାଣସଖା ବିନା ଅନ୍ୟ କିଏ କହିବ ? କିନ୍ତୁ କିଣ କହିବ, ମୋ ଧୈର୍ଯ୍ୟ ରହୁ ନାହିଁ ।

ଅଷ୍ଟକ ଗୀତ ।

କାନ୍ତାକ୍ରୋଡର ଦ୍ୱାଦଶ ମିହିର କରଣ ଗତ ଏ ମନ୍ମଥ ଜ୍ୱର ।
ପ୍ରାଣ ଥାଉ ଥାଉ କର ପ୍ରତୀକାର ଏଥିର ପ୍ରାଣ ସଖେ । ୮ ।

ହା ! ମୋ ଶରୀର ଜଳି ଯାଉଛି, ହୃଦୟ ଫୁଟୁଛି, ଦୃଷ୍ଟି ଅନ୍ଧୀଭୂତ ହେଉଛି । ହା ସୁନ୍ଦର !

କପିଞ୍ଜଳ— (ସ୍ୱଗତ) ହା ହା ! ଏ ପ୍ରବଳ ସନ୍ତାପ ସୀମା ଲଙ୍ଘନ କରୁଅଛି, ଏବେ ଉପଦେଶ ନିରର୍ଥକ, କପଟ ହେଲେ ପ୍ରାଣପରିରକ୍ଷଣ ଲାଗି ଯତ୍ନ କରିବି । ( ଯାଇ ପଦ୍ମପତ୍ର ଆଣି ଶଯ୍ୟା ରଚି ) ସଖେ ! ଏଥିରେ ଶୟନ କର । ( ଶୁଆଇ କଦଳୀ ପତ୍ରରେ ବିଞ୍ଚି ସ୍ୱଗତ ) ହା ହା ! ଏ ସବୁ ମୁହୂର୍ତ୍ତ ମଧ୍ୟରେ ଶୁଖି ଗଲା, ମନ୍ମଥର ଅସାଧ୍ୟ ଜଗତରେ କିଛି ନାହିଁ, ଏବେ କଣ କରିବି ? ( ଚିନ୍ତା କରି ) ସର୍ବଥା ମହାଶ୍ୱେତା ବିନା ଏଥିର ପ୍ରତୀକାର ଅନ୍ୟ ନାହିଁ, ଏ ଜୀବିତମାତ୍ରାବଶେଷ ହୋଇଅଛନ୍ତି, ସେଠାକୁ ନିଜେ ଯାଇ ପାରିବେ ନାହିଁ, ତେବେ ସଖାର ପ୍ରାଣ ରକ୍ଷିବା ଲାଗି ଅନ୍ୟ କର୍ମ ମୁହିଁ କରିବାକୁ ସିଦ୍ଧ ହୋଇଅଛି, ଏବେ ଯାଇଁ ଗନ୍ଧର୍ବରାଜପୁତ୍ରୀ ନିକଟରେ ଏ ସକଳ ଜଣାଇବି । ପରେ ଧୈର୍ଯ୍ୟରେଖା ! କିନ୍ତୁ ଏ କଥା ଏହାଙ୍କୁ ଜଣାଇଲେ ବାଳେ ଏ ଲଜ୍ଜିତ ହୋଇ ଅନୁଚିତ ବ୍ୟାପାର ବୋଲି ନିଷେଧ କରି ପାରନ୍ତି, ଏ ହେତୁରୁ ନ କହି ଯିବି । ( ପ୍ରକାଶ ) ସଖେ ! ଏହି କଦଳୀଦଳମାରୁତ ତୁମ୍ଭର ସୁଖପ୍ରଦ ହେଉଅଛି ?

ପୁଣ୍ଡରୀକ— ସଖେ ! ମୋ ପ୍ରାଣ ବ୍ୟାକୁଳ ହେଉଅଛି, ଆଉ ମୁଁ ବଞ୍ଚି ପାରିବି ନାହିଁ ।

କପିଞ୍ଜଳ — ସଖେ ପୁଣ୍ଡରୀକ ! ଭୟ ନାହିଁ, ଏହି ନିକଟରେ ଏକ ଦିବ୍ୟୌଷଧି ଅଛି, ଯାହାର ରସ ଅଙ୍ଗରେ ଲଗାଇଲେ ଏ ବାଧା ଦୂର ହେବ, ମୁଁ ଯାଇଁ ଶୀଘ୍ର ଆଣିବି ।

ପୁଣ୍ଡରୀକ — ସଖେ ! କାମଜ୍ୱରର ଔଷଧି ଅଛି ? ତେବେ ଯାଇଁ ଆଣ, ମାତ୍ର ବିଳମ୍ବ କରିବ ନାହିଁ ।

କପିଞ୍ଜଳ — ନାହିଁ ଶୀଘ୍ର ଆଣିବି, ଯେପର୍ଯ୍ୟନ୍ତ ଧୈର୍ଯ୍ୟ ଧାରଣ କରି ରହ, (ଉଠି) ହେ ଅନଙ୍ଗ କୁସୁମାୟୁଧ ! ମୋହର ଏତିକ ବିନତି ଶୁଣ—

ଗୀତ ।

ଶ୍ୱାସମାତ୍ର ଜୀବନ ଅଛି ଘେନ ହା ହା ପ୍ରାଣସଖା ଏ,
ସ୍ୱନନ୍ଦପାଶୁ ଅଳ୍ପ ସମୟେ ମୁଁ ଫେରଉଛି ଆସିବା ଯାଏ,
କୃତମ୍ଭ ହୋଇ ସଦୟ ନ ହର ଏହାର ପ୍ରାଣବାୟୁ ।
(ନିଷ୍କ୍ରାନ୍ତ, ଯବନିକା ପତନ)

———

(ଦୃଶ୍ୟ ମହାଶ୍ୱେତା ମନ୍ଦିର, ମଧୁକରିକା ପ୍ରବେଶ)

ମଧୁକରିକା — ଅବାଲ୍ୟରୁ ଭର୍ତ୍ତୃଦାରିକାଙ୍କ ମୁଖ ହସିଲାପରି, ଦିନେ ହେଲେ ତହିଁରେ ଦୁଃଖ ରେଖା ମୁଁ ଦେଖି ନାହିଁ, ତେବେ ଆଜ କାହିଁକି ସେ ମୁଖ ମ୍ଳାନ ହୋଇଅଛି ? ପୁଣି ତରଳିକା ସଦା ଛାୟାପରି ତାଙ୍କୁ ଅନୁସରିଥାଏ, ଆଜ ଏ ସମୟରେ କାହିଁକି ନିକଟରେ ନାହିଁ ? (ନେପଥ୍ୟ ଅଭିମୁଖେ ଚାହିଁ) ଏ କିଏ ? ମଞ୍ଜରୀ ପରି ଦିଶୁଛି, ଭର୍ତ୍ତୃଦାରିକା ସ୍ୱହସ୍ତରେ ଗୋଟିଏ ସୁନ୍ଦର ମୟୂର ନିର୍ମାଣ କରି ଯାହା ଏହା ହାତରେ କାଦମ୍ବରୀ ନିକଟକୁ ଉପହାର ପଠାଇଥିଲେ । ସଖି ମଞ୍ଜରି ! କାଦମ୍ବରୀ ସେହି ମୟୂରକୁ ପସନ୍ଦ କଲେ ?

Acc. no. 24332 dt. 4-1-68.

ମନ୍ତ୍ରୀ ।— ସେ କଥା ପଛେ କହିବ, ଏବେ ବର୍ତ୍ତିଦାରିକା କେଉଁଠାରେ ?

ମଧୁକରିକା ।— ଭିତରେ ।

ମନ୍ତ୍ରୀ ।— ( ଯିବାକୁ ଉଦ୍ୟୋଗ କେବା )

ମଧୁକରିକା ।— ରହ ରହ, ଯିବାକୁ ହେବ ନାହିଁ ।

ମନ୍ତ୍ରୀ ।— କାହିଁକି ?

ମଧୁକରିକା ।— ତରଳିକା ବିନା ଅନ୍ୟ କାହାକୁ ନ ଛାଡିବାକୁ ବର୍ତ୍ତିଦାରିକା ଆଜ୍ଞା କରିଅଛନ୍ତି ।

ମନ୍ତ୍ରୀ — ଏ ନୂଆ କଥା, ବର୍ତ୍ତିଦାରିକା କାହା ଉପରେ କୋପ କରିଅଛନ୍ତି କି ?

ମଧୁକରିକା — ନାହିଁ ନାହିଁ, ଆଜ ପର୍ବକାଳ ବୋଲି ଦେବୀଙ୍କ ସଙ୍ଗେ ବନକୁ ଯାଇଥିଲେ, ତେଣୁ ବିଳମ୍ବରେ ଆସି କାହା ସଙ୍ଗେ କଥା ନ କହି ଏକାକିନୀ ବିରସ ବଦନରେ ଭିତରକୁ ଗଲେ ।

ମନ୍ତ୍ରୀ — ଏତେ ଦୂର ଯିବାର କେବେ ଅଭ୍ୟାସ ନ ଥିଲା, ତେଣୁ ଏ ଶ୍ରମ ହୋଇଥିବ, ତହିଁ ଉତ୍ତାରୁ ?

ମଧୁକରିକା — ବାମ କରତଳେ ମୁଣ୍ଡ ନିହିତ କରି ଦୀର୍ଘ ନିଶ୍ୱାସ ଛାଡି ଚିନ୍ତାରେ ନିଜ ପର୍ଯ୍ୟଙ୍କରେ ବସିଲେ ।

ମନ୍ତ୍ରୀ — ତହିଁ ଉତ୍ତାରୁ ?

ମଧୁକରିକା — ଏହା ଦେଖି ମୁଁ ନିକଟକୁ ଯାଇ ବର୍ତ୍ତିଦାରିକେ ! କି ହେଲା ? ବୋଲିବାରୁ ସେ କହିଲେ, କିଛି ନାହିଁ, ତୁ ବାହାରରେ ରହି ତରଳିକା ବିନା ଆଉ କାହାକୁ ଭିତରକୁ ଛାଡିବୁ ନାହିଁ ।

ମନ୍ତ୍ରୀ — ତେବେ ଏଥିର କାରଣ ତରଳିକା ଜାଣିଥିବ ।

ମଧୁକରିକା — ଏ ଦେଖ, ତରଳିକା ଆସୁଅଛି ।

( ତରଳିକା ପ୍ରବେଶ )

ସଖି ! ଭର୍ତ୍ତୃଦାରିକା ତୋ ମାର୍ଗ ଚାହିଁ ବସିଅଛନ୍ତି, ଦିନ ସାରା
ଅସିବା ବେଳୁ ବାରମ୍ବାର ଜାଳକଟକୁ ଯିବା ପୁଣି ଫେର ଅସି
ପଲ୍ୟଙ୍କରେ ବସିବା ଏହାହିଁ ଚାଲିଅଛି । ସଖି ! ଏଥିର
କାରଣ ତୋତେ ଜଣା ?

ତରଳିକା — ମୁଁ ପ୍ରଥମେ ଯାଇ ଭର୍ତ୍ତୃଦାରିକାଙ୍କ ଭୋଜନାଦି ଦେଖିଲି ନାହିଁ
ବୁଝିବି, ପଛେ ତୁମ୍ଭେ ଦୁହେଁ ଅସିଲେ ଏଥିର କାରଣ କହିବି,
ଏବେ ତୁମ୍ଭେ ଯାଅ । ( ମଧୁରିକା ଓ ମଞ୍ଜରୀ ନିଷ୍କ୍ରାନ୍ତ )
ଏବେ ମୁଁ ସେହି ମୁନିକୁମାର ଦେଇଥିବା ପତ୍ରିକା
ଭର୍ତ୍ତୃଦାରିକାଙ୍କୁ ଦେବି ।

( ପଲ୍ୟଙ୍କୋପରି ଚିନ୍ତିତା ମହାଶ୍ୱେତା )

ମହାଶ୍ୱେତା — ରାଗ ଅଦ । ମନ୍ନନ କ ଇଚ୍ଛା ପ୍ରଭ । ୧୪ ।

ମୁଁ ବସିଅଛି କି ସେହି ବସିଲେ,
କିମ୍ବା ବସଅଛି ସଦନେ, ନ ଜାଣେ । ପଦ ।
ମୁଁ ଶୋଇଅଛି କି ଶୟନେ,
ଅବା ରହିଅଛି ଚେତନେ, ନ ଜାଣେ ।
ମୁଁ ହସେଁ କି କରୁଛି ଶୋକ,
କହେ କି ମୁହଁ ସୁଖ କି ଦୁଃଖ ।
ହୃଦ କି ଅଛି ଠମାରେ,
ସ୍ୱର୍ଗ କି ଏ ଦକ ଜଦାରେ, ନ ଜାଣେ । ୧ ।

କଣ କରିବି ? କେଉଁଠାକୁ ଯିବି ? ଏଥିର କି ପ୍ରତୀକାର ?
ହା ! ସେହି ମଦନ-ସୁନ୍ଦର ମୁନିକୁମାରଙ୍କ ରୂପ ଚିତ୍ତ ଥରେ
ପଶିଛି । ହା ହା ! କି ରୂପ, କି ଗୁଣ, କି ଯୌବନ !
ଏ ଭୁବନରେ, ଏପରି କିଏ ଥିବ ? ସେ ଏହାବଗରେ ଅଲୋକ-

ସହ ଅନେକ ଥର ବୋଲ ସେ ଅଦ୍ଭୁତ ସବୁ ମଧୁର ଉକ୍ତି-
ଗୁଡ଼ିକ ଏବେ ମୋର ସ୍ମୃତିପଥ ଦେଇଅଛି ।

ଅଞ୍ଜଲି ଗୀତ ।

ମଳୟ ସମୀର ହୁଅ ପ୍ରସନ୍ନ, ଛୁଇଁ ତାହାଙ୍କର ବର ଅଙ୍ଗକୁ ।
ପୁଣି ଆସି ମୋତେ କର ଆଲିଙ୍ଗନ, ଶୁଣ ମୋ ଏ ବଚନ ।

ତେମ୍ଭେ ତାପପର ତାହାଙ୍କର ସୁଖ ହୋଇଥିବ — ହା ଜାଣୁନେ
ମହାଶ୍ୱେତେ ! ଏ ଅସ୍ଥାନ ଆଶା ନାହିଁକି ? ମଦନର କି
ସାମର୍ଥ୍ୟ ଯେ ସେହି ଶାନ୍ତାତ୍ମାଙ୍କ ସନ୍ନିଧରେ ଭଳି କୁସୁମ-
ବାଣ ପ୍ରୟୋଗ କରିବ ? ହା ! ସେ ମତେ ଶାପ୍ରେ ତାଙ୍କ ଲଗା
ସହିତ ସୁରଲୋକକୁ ନେଉଛି ଯାଇଥିବେ, ଏବେ
କେବଳ ତାହାଙ୍କ ଅକ୍ଷମାଳାହିଁ ମୋହର ଗତି ।
( ଦକ୍ଷିଣ କର୍ଣ୍ଣରେ ହସ୍ତ ଦେଇ ) ସେ କୁସୁମମଞ୍ଜରୀ କାହିଁ ?
ହା ଦୈବ ! କିଏ ନେଲା ?

ତରଳିକା— ( ନିକଟକୁ ଯାଇ ) ଭର୍ତ୍ତୃଦାରିକେ ! ବାମକର୍ଣ୍ଣସ୍ଥିତ ସୁର-
ପୁଷ୍ପଗୁଚ୍ଛକୁ ଦକ୍ଷିଣ କର୍ଣ୍ଣରେ ଖୋଜିଲେ କାହୁଁ ପାଇବ ?

ମହାଶ୍ୱେତା — ( ବାମ କର୍ଣ୍ଣରେ ହସ୍ତ ଦେଇ ) ସଖି ! ମତେ ପଦେ
ପଦେ ଭ୍ରମ ହେଉଅଛି, ତୁ ଏତେବେଳଯାଏ କେଉଁଠାରେ
ଥିଲୁ ?

ତରଳିକା ।— ତୁମ୍ଭେ ସବୁ ସାଙ୍ଗ ଦେବୀଙ୍କ ସଙ୍ଗେ ଆଗ, ବାହାର ଅସିଲ,
ମୁଁ କେତେକ କମଳ ତୋଳ ପଛେ ଆସୁଥିଲି ।

ମହାଶ୍ୱେତା —ତହିଁ ଭିତରୁ କଣ ହେଲା ?

ତରଳିକା—ଆସୁ ଆସୁ ଯେଉଁ ମୁନିକୁମାରଦ୍ୱୟଙ୍କୁ ଅମ୍ଭେ ଦେଖିଥିଲୁଁ,
ତହିଁରୁ ଜଣେ ଓଷ୍ଠିଏ ଲତାମଣ୍ଡପରୁ ବାହାର ମତେ
ପଚାରିଲେ—

ମହାଶ୍ୱେତା—( ବ୍ୟାକୁଳ ) ତୁହି ଜାଣ ମୁଁ କିଏ ?

ତରଳିକା—ଯେ ତୁମ୍ଭ କଣ୍ଠରେ ପୁଷ୍ପମାଳ ଲଗାଇ ଦେଲେ ।

ମହାଶ୍ୱେତା—ଭ୍ରମରେ ମୁଁ ଯାହାଙ୍କ ମାଳା ଆଣିଲି ବୋଲି ସେ ରାଗଯୁକ୍ତ ହୋଇଥିଲେ ?

ତରଳିକା—ନାହିଁ ନାହିଁ, ଅନୁରାଗଯୁକ୍ତ ।

ମହାଶ୍ୱେତା—ମୋ ମୁକ୍ତାହାର ତାହାଙ୍କ ହସ୍ତରେ ଥିଲା ?

ତରଳିକା—ଥିଲା, ତାକୁ ମତେ ଦେଖି ପୁନର୍ବାର ମୁଁ ମାଗି ନେବ ବୋଲି ସେ ନିଜ ବଳ୍କଳରେ ଲୁଚାଇ ଦେଲେ ।

ମହାଶ୍ୱେତା—କଣ ପଚାରିଲେ ?

ତରଳିକା—ପ୍ରଥମରେ ଅତି ଆତୁରଭାବରେ ପଚାରିଲେ, ତୁମ୍ଭ ଭର୍ତ୍ତୃଦାରିକା କିଏ ? କାହାର ପୁତ୍ରୀ ? ନିବାସ କେଉଁଠାରେ ? ମୁଁ ସବୁ କହିଲି । ପରେ ସେ ସୁହୃଦଗଣଙ୍କୁ ଚାହିଁ ଅତି ସରଳଭାବ ସହିତ ବିନୟରେ କହିଲେ ତ କୃପା କରି ମୋର ଏ କାର୍ଯ୍ୟ କରିବ ?

ମହାଶ୍ୱେତା—( ସ୍ୱଗତ ) ହୃଦୟ ! ସ୍ଥିର ହୁଅ । ( ପ୍ରକାଶ ) ତହିଁ ଉତ୍ତାରୁ ?

ତରଳିକା — ମୁଁ ଦୁଇ ହାତ ଯୋଡ଼ି କହିଲି, ଭଗବନ୍ ! ଆପଣ ସର୍ବଜନ-ପୂଜ୍ୟ, ମନରେ କିଛି ଶଙ୍କା ନ କରି କି କାର୍ଯ୍ୟ କରିବ ଶୀଘ୍ର କହି ମତେ ଅନୁଗୃହୀତା କରନ୍ତୁ । ସେତେବେଳେ ସେ ନିଜ ବଳ୍କଳରୁ ଯତ୍ନରେ ତମାଳପତ୍ର'ରସରେ ତହିଁରେ କିଛି ଲେଖି ମୁଦ୍ରିତ କରି ମତେ ଦେଇ କହିଲେ, ତୁମ୍ଭ ଭର୍ତ୍ତୃଦାରିକା ଏକାକିନୀ ଥିଲାବେଳେ ଏହା ତାହାଙ୍କୁ ଦିଅ । ସେ ଏହି ପତ୍ର, ନିଅ । ( ପତ୍ର ଦେବା )

ମହାଶ୍ୱେତା— ( ଆଦର ପୂର୍ବକ ପତ୍ର ଆଣି ପଢ଼ିବା )

ଚିଠି ।

ମୃଣାଳସମା ମୁକ୍ତାଲତା ଦେଖାଇ,
ସ୍ନେହର କର ଅତି ଦୂର ନେଇଯାଇ,

ହଂସପର ଦର୍ଶିତ କର ଆଶା,
ମୋ ମାନସ-ଜନ୍ମା ରକ୍ଷିଲୁ ସୁକେଶୀ ।
ସଖି ତରଳିକେ ! ଏ ସକଳ ସତ୍ୟ, ଅଥବା ମୋ ସନ୍ତାପ-
ହରଣ ନିମନ୍ତେ ଏହି କୌଶଳ କରୁଅଛୁ ?

ତରଳିକା— ଅବଧାନ । ମୋହରଗ ରକ୍ଷ ଭୁ ମମାଇ ପ୍ରତି ୧୫ ।

ସ୍ୱପ୍ନରେ କେବେ ନାହିଁ ଜଣାଇ ସ୍ୱପନେ ମିଥ୍ୟା ଜୀବଧନ ପଦେ । ପଦ ।
ରଭସେ ଦୁରବସ୍ଥା ଘୋଷାଲୁ ମୋଭଳ ଜନ ଏପରି ଭାଷାଲୁ
ଭାଷିବ କି ସରସିଜବଦନ ସତେ । ୧ ।
ବଞ୍ଚନ ଏଥିରୁ ଏକବର୍ତ୍ତି କାଞ୍ଚନଦେହା ନାହିଁ ଜାଣି,
ସତ୍ୟ କହେ ତୁଳି ପାଦ ଦେଇ ମୁହିଁ । ୨ ।

ମହାଶ୍ୱେତା— ତେବେ ସଖି ତୁ ଧନ୍ୟା, ଯାହା ପୁନର୍ବାର ସେହି ତ୍ରିଲୋକ-ମୋହନଙ୍କୁ ଦେଖିଲୁ ! ସଖି ! ଏ ପଦକୁ ମୁଁ ଶତବାର ପଢ଼ିବି ? କିମ୍ବା ସହସ୍ରବାର ପଢ଼ିବି ? ତୋ ଯୋଗୁଁ ମୁଁ ଅମୃତ ପାନ କଲି, ତୋ ଉପକାର ମୁଁ କଦାପି ପାସୋର ପାରିବି ନାହିଁ । ସଖି ! ଆସ, ମତେ ଗାଢ଼ାଲିଙ୍ଗନ ଦିଅ ।

ତରଳିକା— ଭର୍ତ୍ତୃଦାରକେ ! ମୁଁ ପରିଜନ, ମୋଠାରେ ଏତେ ସତ୍କାର କାହିଁକି ?

ମହାଶ୍ୱେତା— ଏବେ ତୁ ଭର୍ତ୍ତୃଦାରିକା, ମୁଁ ପରିଜନ । ସଖି ! କହ କହ, ତାହାଙ୍କୁ କିପରି ଦେଖିଲୁ ? ସେ କଣ କହିଲେ ? କେତେ-କାଳ ତାହାଙ୍କ ନିକଟରେ ରହିଲୁ ?

ତରଳିକା— ଭର୍ତ୍ତୃଦାରକେ ! ସକଳ କଥାରେ ତାହାଙ୍କର ତୁମ୍ଭ ପ୍ରତି ଅନୁରାଗ ଥିଲାପରି ମୁଁ କଷ୍ଟେ ବୁଝିଅଛି ।

( ମଧୁକରିକା ପ୍ରବେଶ )

ମଧୁକରିକା— ଭର୍ତ୍ତୃଦାରିକେ ! ଜଣେ ମୁନିକୁମାର ଆସି ଦ୍ୱାରଦେଶରେ ରହିଅଛନ୍ତି ।

ମହାଶ୍ୱେତା— (ସସମ୍ଭ୍ରମ) ମୁନିକୁମାର ? ତରଳିକେ ! ଶୀଘ୍ର ଯାଇଁ ଦେଖ ।

ମଧୁକରିକା— ସେ ନିଜର ନାମ କପିଞ୍ଜଳ ବୋଲୁଅଛନ୍ତି ଏବଂ ତୁମ୍ଭ ସଙ୍ଗେ କିଛି କଥା ବାର୍ତ୍ତା ହେବା ତାହାଙ୍କ ଅଭିପ୍ରାୟ ପ୍ରକାଶ ହେଉଅଛି ।

ମହାଶ୍ୱେତା— (ସାଗ୍ରହ) ତରଳିକେ ! କପିଞ୍ଜଳ ? (ସତ୍ୱର) ମଧୁକରିକେ ! ଯାଇଁ ତାହାଙ୍କୁ ଏଠାକୁ ଆଣ ।

ମଧୁକରିକା— ଯେ ଆଜ୍ଞା । ( ନିଷ୍କ୍ରାନ୍ତ )

ମହାଶ୍ୱେତା— ସଖି ! କପିଞ୍ଜଳ କାହିଁକି ଆସିଅଛନ୍ତି ? ହୃଦୟବଲ୍ଲଭଙ୍କ କିଛି ତଦନ୍ତ କହିବେ ? କିମ୍ବା ମୋଠାରୁ ସବୁ ରହସ୍ୟ ନେଇ ମୋ ପିତା ମାତାଙ୍କୁ ଜଣାଇ ଦେବେ ?

( କପିଞ୍ଜଳ ପ୍ରବେଶ )

ତରଳିକା— ଏ ଆସିଲେ । ତାହାଙ୍କ ଲକ୍ଷଣରୁ ଜଣାଯାଏ ସେ ଶୋକଯୁକ୍ତ ହୋଇଅଛନ୍ତି, ଅତଏବ ଏପରି ବୃଥା ଶଙ୍କା କରିବା ଉଚିତ ନୁହେଁ ।

ମହାଶ୍ୱେତା— ( ଉଠି ପ୍ରଣାମ କରି ) ଭଗବନ୍ ! ଏ ଆସନରେ ବସନ୍ତୁ । ( କପିଞ୍ଜଳ ବସି ତରଳିକାକୁ ଶଙ୍କିତ ଭାବରେ ଚାହିଁବା ) ଭଗବନ୍ ! ଏ ମୋର ପରମବିଶ୍ୱସ୍ତା ସଖୀ, ଅତଏବ ନିଃଶଙ୍କ-ରୂପେ ଆପଣ ମନୋଗତ ଭାବ କହି ପାରନ୍ତି ।

କପିଞ୍ଜଳ — ରାଜପୁତ୍ରି ! କଣ କହିବି ? ଲଜ୍ଜାରୁ ମୋ ବାକ୍ୟ ଫୁଟୁନାହିଁ, କନ୍ଦମୂଳ-ଫଳାହାରୀ ବନବାସୀ ମୁନିଜନ କେଉଁଠାରେ ? ଏବଂ ବିଷୟ-ବାସନା-କଳୁଷିତ ବ୍ୟାପାର କେଉଁଠାରେ ?

ଏ ଉଭୟର କିଛି ସମ୍ବନ୍ଧ ନାହିଁ । ଈଶ୍ୱରେଚ୍ଛା ବଳୀୟସୀ ! ବଲ୍କଲ ଜଟା ତପସ୍ୟା ଧର୍ମକର୍ମ ଏଥିରୁ ଏହା କାହାର ଉପଯୁକ୍ତ ବୋଲି କହିବ ? ଅପୂର୍ବ ବିଡ଼ମ୍ବନା ! ତୁମ୍ଭଙ୍କୁ କି କହିଲେ ଗତ୍ୟନ୍ତର ନାହିଁ, ଅତଏବ କହୁଅଛି ।

ମହାଶ୍ୱେତା— ଭଗବନ୍ ! କିମିତ କଜଠାରେ ଲଜ୍ଜା କାହିଁକି ?

କପିଞ୍ଜଳ — ତୁମ୍ଭ ସମକ୍ଷରେ ମୁଁ ମୋ ପ୍ରାଣସଖା ପୁଣ୍ଡରୀକଙ୍କୁ କପଟ ନିଷ୍ଠୁର ଭାଷଣ କହିଥିଲି, ତୁମ୍ଭେ ଜାଣ, ପରେ ମୁଁ କ୍ରୋଧରେ ତାହାଙ୍କୁ ତ୍ୟାଗ କରି ଅନ୍ୟ ସ୍ଥାନକୁ ଗଲି । କେତେକ ମୁହୂର୍ତ୍ତ-ପରେ ସେ ଏକାକୀ କଣ କରୁଅଛନ୍ତି ବୋଲି ଲେଉଟି ଆସି ସେ ସ୍ଥାନରେ ତାହାଙ୍କୁ ନ ଦେଖି ନାନାପ୍ରକାର ଶଙ୍କା କରି ଗୁରୁଅଡ଼େ ଖୋଜିଲି । ପରଶେଷରେ ଦେଖିଲି, ସେ ଅଚ୍ଛୋଦ ସର ଉପକଣ୍ଠରେ ଏକ ଲତାମଣ୍ଡପରେ ତୁମ୍ଭ ମୁକ୍ତାହାରକୁ ହୃଦୟରେ ରଖି ତନ୍ଦ୍ରାଜଡ଼ ହୋଇ ବସିଅଛନ୍ତି । ମହାଶ୍ୱେତେ ! ଯେ ଆଜ ପ୍ରାତଃକାଳରେ ସୂର୍ଯ୍ୟସମ ତେଜଃପୁଞ୍ଜ ଧାରଣ କରିଥିଲେ, ସେହି ମୋ ମିତ୍ର ଏବେ ମଦନଜ୍ୱାଳା ଯୋଗୁ—

ଅଷ୍ଟଳୀ ଗୀତ ।

ପ୍ରଭାତେ ଦିଗନ୍ତବ୍ୟାପ୍ତ ଶଙ୍ଖନାଥ ସମାନ ପାଣ୍ଡୁତା ଧରି,
କାହାଘ ଗଙ୍ଗାପ୍ରବାହର ପରି ତନୁତା ଅଛି ପାଇ ।

ସେତେବେଳେ ମୁଁ ପ୍ରସଙ୍ଗାନୁରୂପ ଅନେକ ପ୍ରକାର ଶାସ୍ତ୍ର-ସମ୍ମତ ହିତ ଉପଦେଶ ଦେଲି, କିନ୍ତୁ ସେ ସକଳ ବ୍ୟର୍ଥ ହେଲା, ବେଳକୁବେଳ ବାଧା ପ୍ରବଳ ହେଲା, ଅତଏବ ମୁଁ ଅନନ୍ୟଗତି ହୋଇ ଏଠାକୁ ଆସିଲି, ଏବେ ଯାହା ଏପରି ଅନୁରାଗର ଉପଯୁକ୍ତ ଏବଂ ମୋ ଆଗମନର

ଅନୁରୂପ, ପୁଣି ତୁମ୍ଭର ସମୁଚିତ, ତାହା କରିବାରେ ତୁମ୍ଭେ ସମର୍ଥା, ତୁମ୍ଭ ଚିତ୍ତ ।

ମହାଶ୍ୱେତା— (ସ୍ୱଗତ) ଏହା ଶୁଣି ମୁଁ ସୁଖାମୃତହ୍ରଦରେ ନିମଗ୍ନା ହେଲି । ଭଗବନ୍ ଅନଙ୍ଗ ! ମୁଁ ତୁମ୍ଭଙ୍କୁ ପ୍ରତିକୂଳ ମନେ କରୁଥିଲି, ମାତ୍ର ତୁମ୍ଭେ ଅନୁକୂଳ, ଯାହା ମୋପରି ତାହାଙ୍କୁ ସୁଦ୍ଧା ଅନୁରକ୍ତ କରିଅଛ । କପିଞ୍ଜଳଙ୍କ ବାଣୀ ସ୍ୱପ୍ନରେ ସୁଦ୍ଧା ମିଥ୍ୟା ହେବ ନାହିଁ, ଏବେ ମୁଁ ଏହାଙ୍କୁ କି ଉତ୍ତର ଦେବି ?

କପିଞ୍ଜଳ— (ସ୍ୱଗତ) ଏ କିଣ ଭାବୁଅଛନ୍ତି ? ମୋ କଥା ଶୁଣି ଅନାଦର ଅବା କୋପ ପ୍ରକାଶ କରି ନାହାନ୍ତି, ତେବେ ମୋ ମିତ୍ର ପ୍ରତି ଏହାଙ୍କର ଦୟା ଥିଲା ପରି ପ୍ରତୀତ ହେଉଅଛି, ମାତ୍ର ଲଜ୍ଜାରୁ ସ୍ପଷ୍ଟ କରି ପାରୁ ନାହାନ୍ତି । ହେଉ, ଏଠାରୁ ମୁଁ ପ୍ରଥମେ ତାହାର ଗଲେ ପଛେ ସବୁ ସିଦ୍ଧ ହେବ । (ପ୍ରକାଶ) ମହାଶ୍ୱେତେ ! ଭଗବାନ୍ ସହସ୍ରକିରଣ ଅସ୍ତ ହୋଇ ଆସୁଅଛନ୍ତି, ସେ ଲତାମଣ୍ଡପରେ ସଖା ଏକାକୀ ହୋଇ ଏତେବେଳଯାଏ କିଣ କରୁଥିବେ ବୋଲି ମନରେ ଅତି ଉଦ୍‌ବେଗ ହେଉଅଛି, ଅତଏବ ତାହାର ଯାଉଅଛି, କିନ୍ତୁ—

ସାଙ୍କ ।

ମୋ ମିତ୍ର ଉପରେ କରି ଅନୁକମ୍ପା ପ୍ରାଣ ଦାନ ଦିଅ ଆସି,
ଅଞ୍ଜଳି କରି ମୁଁ ଏତେକମାତ୍ର ମାଗୁଅଛି ମୃଦୁହାସି ।
ଯାଚକ ତୁଷ୍ଟ କର, ଜଗତେ ଯଶ ହେଉ ପ୍ରସର । (ନିଷ୍କ୍ରାନ୍ତ)

ମହାଶ୍ୱେତା— ସଖି ତରଳିକେ ! ମୋ ହୃଦୟ ଅତି ଆକୁଳ ହୋଇଅଛି, ଏବେ ମୁଁ କିଣ କରିବି ସ୍ଥିର କରି ପାରୁ ନାହିଁ, ମତେ ଉପଦେଶ ଦିଅ, କପିଞ୍ଜଳ କିଣ କହି ଗଲେ, ସବୁ ତୁ ଶୁଣିଅଛୁ ।

ତାଳ ଆଡ଼ । ଦାଶରଥି ରାଘବ ପ୍ରଭୃ । ୧୬ ।

ଗୌରବ ଲଜ୍ଜା କୁଳଶୀଳ ଧୈର୍ଯ୍ୟ ଅଗ୍ରେ ନଷ୍ଟ କଷ୍ଟରେ
ନ ଗଣି ଅନ୍ୟ ନାସ୍ତି ପର ସଙ୍ଗେ ଯିବି ମୁଁ କେହି ନ ଜଣାଇ ତାରେ
। ପଦ ।

ସ୍ୱଚ୍ଛନ୍ଦଭାବେ ପ୍ରିୟସହ ଯେବେ ଯାଇ ବସିବ ନାଥରେ,
ମଜ୍ଜିବ ନିତ୍ୟ ଜନପ୍ରବାଦରେ ସ୍ୱକୁଳୁ ଲଘନ ଅପରାଧରେ ।୧।

ତରଳିକା — ( ସ୍ୱଗତ ) ଏବେ ଏହାଙ୍କ ଅନୁରାଗ ପରୀକ୍ଷା କରିବି । ( ପ୍ରକାଶ ) ଭର୍ତ୍ତୃଦାରିକେ ! ଯେବେ ଏଥେ ଅଧର୍ମ ହେବ, ତେବେ ନ ଯିବାହିଁ ଶ୍ରେୟ ।

ମହାଶ୍ୱେତା— ନ ଗଲେ ପ୍ରିୟ ବିରହରୁ ମୋର ମୃତ୍ୟୁ ନିଶ୍ଚିତ, ହେଉ, ସେଥିଲାଗି ମୋହର ତେତେ ଚିନ୍ତା ନାହିଁ, ଆଉ ଦୁଇ କଥା ଚିନ୍ତା କରି ବ୍ୟଥା ହେଉଅଛି ।

ତରଳିକା — ସେ ଦୁଇ କଥା ମୁଁ ଶୁଣିଲେ କିଛି ଆପତ୍ତି ଅଛି ?

ମହାଶ୍ୱେତା— କି ଆପତ୍ତି ! ଶୁଣ, କପିଞ୍ଜଳ ସମାନ ମହାତପସ୍ୱୀ ଯାଚନା କଲାବେଳେ ତାହାଙ୍କ ମନୋରଥ ଭଙ୍ଗ କଲେ ଅପରାଧିନୀ ହେବି ଏବଂ ମୋ ପ୍ରତି ନିରାଶ ହେବାରୁ କାଳେ ଯଦି ସେହି ମୋ ହୃଦୟବଲ୍ଲଭଙ୍କର ପ୍ରାଣବିପତ୍ତି ହେବ, ତେବେ ମତେ ମୁନିବଧଜନିତ ମହାପାପ ଲାଗିବ ।

ତରଳିକା — ଈଶ୍ୱର କୃପାରୁ ତାହା ନ ହେଉ ।

ମହାଶ୍ୱେତା— ( ପୂର୍ବଦିଗକୁ ଚାହିଁ ) ସଖି ସଖି ! ଏ ନବୋଦିତ ଲୋହିତ ଚନ୍ଦ୍ରମଣ୍ଡଳ ଦେଖି ମୋହର ଅତ୍ୟନ୍ତ ଭୀତି ହେଉଅଛି, ପ୍ରଥମେ ମୋ ହୃଦୟ ମଦନାତୁର, ତହିଁ ପରେ ଏହି ପାପୀ ଚନ୍ଦ୍ରର ଉଦ୍ଗମନ ଦାହଜ୍ୱରପୀଡିତ ଉପରେ ଅନଳବର୍ଷଣ

ଯନ୍ତ୍ର ଦେଉଅଛୁ । ହା ସଖି ! ମୁଁ ସହି ପାରୁ ନାହିଁ ।
( ମୂର୍ଚ୍ଛିତା ହେବା )

ତରଳିକା — ( ସସଂଭ୍ରମ ) ଭର୍ତ୍ତୃଦାରକେ, ଭର୍ତ୍ତୃଦାରକେ ! ସଚେତ ହୁଅ ।

ମହାଶ୍ୱେତା— ( ଚେତି ) ତରଳିକେ ! ମଦନ, ମଳୟାନିଳ, କୋକିଳ ଏ ସମସ୍ତ ଅପେକ୍ଷା ଚନ୍ଦ୍ର ମତେ କାଳ ସମାନ ଅଧିକ ଭୟଙ୍କର ଦିଶୁଅଛୁ, ରକ୍ଷା କର ।

ତରଳିକା — ରାଗ ହିନ୍ଦୁସ୍ତାନୀ । ତାଳ ଆଡ଼ା । ଅବ ତୁମ ଜାନା ପ୍ରିୟା । ୧୬ ।

ଏବେ ସୁକୁମାର କୁନ୍ତଳ ଉଚିତ ଇହିବା ଏପର । ଘୋ ।

ଯୋଡ଼ି ପାଣିଯୁଗ୍ମ ବରନାର,
ଦାରେଣମୂର୍ତ୍ତିରେ କରେ ଗୁହାର,
ସ୍ତ୍ରୀତା ଗୌରବ ମନୁ ନଦାର,
ଅକ୍ଷନବାର ଦଅ ଅର୍ଘ୍ୟଭୟେ କଣୋର । ୧ ।

ଶୀଘ୍ର ପ୍ରେରଣ କର ମୁଁ ଯାଉ
ଅଣି ହାକର କରବ ସେହ
ସେଚକେଙ୍କୁ କଦୃନସ୍ୱଣଦାୟୀ,
କର ଯେବେ ନାହିଁ କଚେ ଯାଅ ସେଠାକୁ ବାହାର । ୨ ।

ମହାଶ୍ୱେତା— ସଖି ! ମୁଁ ସବୁ ଛାଡ଼ିଲି, ମୋ ପ୍ରାଣ ନ ଯାଉଣୁ ଶୀଘ୍ର ମତେ ନେଇ ହୃଦୟବଲ୍ଲଭଙ୍କୁ ଭେଟାଅ ।

ତରଳିକା— ଭର୍ତ୍ତୃଦାରକେ ! ମୁଁ ହାଜର ଅଛି, ଏବେ ଶୁକ୍ଳାଭିସାର ଉଚିତ ବେଶ ସୁଶ ତାମ୍ବୁଳ ସଜ୍ଜୀଭୂତ କରନ୍ତୁ ।

ମହାଶ୍ୱେତା— କେଉଁବାଟେ ଗଲେ ଅମ୍ଭଙ୍କୁ ଅସ୍ୱୀୟ ଜନ ସୁଦ୍ଧା ଦେଖି ପାରିବେ ନାହିଁ ?

ଚରଳତା— ପ୍ରମଦବନ ପକ୍ଷ ଦ୍ୱାରବାଟେ । ବନ୍ଧୁ ଭର୍ତ୍ତୃଦାରକେ । ଏ ସନ୍ଧିରେ କେବଳ ଆମ୍ଭେ ଦୁହେଁ ଅତି ଦୂର ଯିବା ? କମ୍ପା ଅତ୍ର କେଉଁ ଆତ୍ମୀୟ ପରିଜନଙ୍କୁ ନେବା ?

ମହାଶ୍ୱେତା— ସଖି ! ମୋ ସଙ୍ଗେ ଅନେକ ପରିଜନ ଅଛନ୍ତି ।

ଚରଳତା— କାହାନ୍ତି ?

ମହାଶ୍ୱେତା— ରାଗ ରୋଡ଼ି । ତାଳ ରୂପକ । ଚନ୍ଦ୍ରାଲୋକେ ଆଲୁଗୁ ପ୍ରଭା ।୯।

ଏକାକିନୀ କୋହେ ମୁଁ ସୁଦଢ, ସହାୟ ମୋର କେତେ ଅଛନ୍ତି,
ଧର ସୂକଣଗସନ, ଅନ୍ୱେଷ କର ମାର୍ଗଣ,
ସପରବାର ମଦନ ଅନୁସର କରେ ଗଛ । ପଦ ।
ଦୂରକୁ ପ୍ରସାର କର କର୍ଣ୍ଣର କଣାପଢ,
ପଦସ୍ଖଳନେ ର ରାଗ ଅବଲମ୍ବେ ନଁଟଢ,
ଲଜ୍ଜାକୁ ପଛେ ପକାଇ ଧାଏଁ ଆଗରେ ମଢ,
ଉତ୍କଣ୍ଠା ପଥ ଦେଖାଇ ବର୍ଦ୍ଧନ କରେ ଧୃଢ । ୧ ।

ଚରଳତା— ( ହସି ) ଭର୍ତ୍ତୃଦାରକେ ! ଏ କଟାକ ପରିଜନ ।

ମହାଶ୍ୱେତା— ଶୀଘ୍ର ଚାଲ । ( ଉଠି ) ଏ କ ଦୁର୍ନିମିତ୍ତ !

ସ୍ରଗ୍ଧରା ।

ବାରଂବାର ସ୍ଫୁରେ ମୋ ବନ୍ଧୁଳ ଅଶୁଭସୂଚ ଏ ଦକ୍ଷନେତ୍ର,
ସର୍ବାନର୍ଥପ୍ରଦାୟୀ ମନେ ମଣି ହେଲେ କ କାଥ ଚନ୍ତେ କରନ୍ତି ।
କିଂବା ଅନ୍ୟ ପ୍ରକାରେ ବିପଦଟି ଘଟିଲା ଆସି ଅଜ୍ଞାତଭାବେ,
ହା ହା ଦୈବ ପ୍ରଣାମେ କରଇ ଅରସ୍ଥ ହେ ନାଶି ସନ୍ଦେହ ଏବେ ।

( ଦ୍ୱିତୀୟାଙ୍କ ସମାପ୍ତ )

——*——

# ତୃତୀୟ ଅଙ୍କ ।

( ଦୃଶ୍ୟ ଅଶୋକାଗାରସ୍ଥ ଲତାମଣ୍ଡପ । ପୁଷ୍ପଧନ୍ୱ ପ୍ରବେଶ )

ପୁଷ୍ପଧନ୍ୱ— ରାଗ ପୁନ୍ନାଗବରାଡି । ତାଳ ଆଠ । ଅସ୍ମା ଯୋଗ୍ୟା ବାଣି ପ୍ରତି ।୧୯।

ହରହର ଏ ଦୁକି ପରହାଣ ହୃଷ୍ଟ ନ ହଶଇ ଦୁଃଖହରା—

ଛମୂରେ ଯଳନା ମୋ ଜଣାଣ ସେନ

ଯରବେଶ ହୋଇ ନ ଥିବ ଯଶ । ପଦ ।

ପୀରଢଶ୍ଯଳଜ ନୋହେ ବୋଲି ମନ

ହରଢରେ ମୋର ହୃଦୟହାସ,

ହଳରକମଳ ବର୍ଣ୍ଣ ମୋହମାଳ

ନ ଦେଲେ ବନ୍ଧୁକବନ୍ଧୁ ଅଧର । ୧ ।

ତରଳନା ଭରେ ତରଳ ସଦ୍ମରେ

ବାଢ଼ି ନ ଥିବ ମୋ ଦୁଃଖପଯର,

ହଳମ୍ ହରଣ ଏଣ ରଣରଣ

ମାରଗଣଗଣେ ଯାଉଛନ୍ତି ମର । ୨ ।

ପ୍ରିୟେ ମହାଶ୍ୱେତେ ! ବୁଝିଲି, କେବଳ ଶୁକ୍ଳଛଳ ଲବ୍ଧ ମୋହର ଏହ ଅଙ୍କ ହରଣ କରିବାରେ ତୁ ଅସମର୍ଥା । କାରୁ ଜୀବେଶ୍ୱରି ! ଏକା ମନେ କରୁ ନାହିଁ ଯେ ମୁଁ ହଂସେନ୍ଦ୍ରସ୍ୟ ମୁକ୍ତକୁମାର ହୋଇ ସୁଦ୍ଧା ତୋ ଲାଗି ମୋ ବହିଃପ୍ରାଣ, ଅନଳ ମହକ ହତ ବାଞ୍ଛା ଶୁଣିଲ ନାହିଁ, ତୋ ପ୍ରୀତି ଆଶାରେ ପରମ ପୂଜ୍ୟ ପିତୃଦେବଙ୍କ ପ୍ରତିଶ୍ରୁତିରୁ ଗୁଣପ୍ରାପ୍ତ ତ୍ୟାଗ କଲି, ତୋ ଦର୍ଶନରେ

ପ୍ରମୂର୍ଚ୍ଛ ହୋଇ କୈଳାସନାଥ ଦର୍ଶନକୁ ଭୁଲ ମଣିଲ ! ନିର୍ଦ୍ଦୋଷ ପ୍ରେମର ପ୍ରତିବନ୍ଧକ ସଂସାରରେ ଆଉ କିଛି ନାହିଁ । ଅତଏବ, ସୁନ୍ଦରି ! ଶୀଘ୍ର ଆସି ମୋ ସନ୍ତପ୍ତ ପ୍ରାଣ ଶୀତଳ କର । ସଖେ କପିଞ୍ଜଳ ! ଏହି ସମୟରେ ତୁମ୍ଭେ ସୁଦ୍ଧା କେଉଁ ଆଡ଼େ ଗଲ ? ବୋଧ ହୁଏ, ଔଷଧି ଆଣିବା ବ୍ୟାଜରେ ମୋହର ଏହି ଅବସ୍ଥା ଜଣାଇବା ଲାଗି ପ୍ରିୟାଠାକୁ ଯାଇ ଥିବ । ଏହା ହୋଇଥିଲେ, ସଖେ ! ତୁମ୍ଭେ ଅନୁଚିତ ଆଚରଣ କରିଅଛ । ହେତୁ କି, ତୁମ୍ଭର ଅମୃତୋପମ ଉପଦେଶକୁ ମୁଁ କାମାନ୍ଧ ଅନାଦର କରି କୃତଘ୍ନ ଏବଂ ତୁମ୍ଭ ସ୍ନେହର ଅଯୋଗ୍ୟ ହୋଇଅଛି, ମୋ ଲାଗି ଦୌତ୍ୟରେ ଏତେ ଚିନ୍ତା କାହିଁକି ? ପ୍ରିୟ ସୁହୃଦ ! କଦାଚିତ୍ ଏହି ହତଭାଗ୍ୟର ପ୍ରାଣ ରକ୍ଷଣ ନିମନ୍ତେ ତୁମ୍ଭେ ଗନ୍ଧର୍ବକନ୍ୟାଙ୍କ ପ୍ରିୟାଠାରେ ବିନୟ ପ୍ରକାଶ କରି ଅନାଦୃତ ହେଲେ, ଏହା ତୁମ୍ଭ ପକ୍ଷରେ ମରଣ ତୁଲ୍ୟ ଦୁଃଖପ୍ରଦ ହେବ । ସଖି ତୁମ୍ଭରି ମୋ ପ୍ରତି ଅଦ୍ୟାପି ଯେଉଁ ସ୍ନେହ ଲେଶ ତାହାର ଅଭାବ ହେବ । କପିଞ୍ଜଳ ! ତୁମ୍ଭ ସମାନ ଅକୃତ୍ରିମ ମିତ୍ରଙ୍କୁ ଛାଡ଼ି କ୍ଷଣପରିଚିତା ଗନ୍ଧର୍ବକନ୍ୟା ବିଷୟରେ ମୁଁ ଲମ୍ପଟ ହୋଇଥିବାରୁ ତୁମ୍ଭେ ମତେ ଦୁଷ୍ଟ ମହାପାତକୀ ବୋଲି ମନେ କଲେ ସୁଦ୍ଧା, ମୋ ଲାଗି ଏତେ ଶ୍ରମ ସ୍ୱୀକାର କରୁଅଛ । କିନ୍ତୁ ମୁଁ ସର୍ବଥା ଅସନ୍ମାର୍ଗଗାମୀ ହୋଇଅଛି ହା ହା ! ମୁଁ ନିତାନ୍ତ ଅଶରଣ ହୋଇଅଛି । ମର୍ମଭେଦୀ ସ୍ମରଶର ବିବେକ ଲୁପ୍ତ କରି, ସୁରତେଚ୍ଛା ବଢ଼ାଇ, ମତେ ଜଡ଼ କରିଅଛି । କନ୍ଦର୍ପଦେବ ! ଏ କି ଦୁର୍ଦ୍ଦଶା ! କାମସନ୍ତାପର କିଛି ହେଲେ ଉପଶମ ହେବ ବୋଲି ମୁଁ ଏହି ସୁପୁଷ୍ପିତ ଲତାମଣ୍ଡପକୁ ଆଶ୍ରୟ କଲି,

କିନ୍ତୁ ଏଠାରେ ମୋ ସନ୍ତାପ ଶତଗୁଣିତ ହେଉଅଛି ।

ରାଗ ଖନ୍ୟାସି, ତାଳ ରୂପକ । ମଙ୍ଗଳାଉଠରୁ ପ୍ରଭ । ୨୦ ।

ଅଳିରଳେ ଝଡ଼ି କୁସୁମରେଣୁ ପଡ଼େ ଯା ଦେହେ,
ମଦନ ବଶୀକରଣ ଚୂର୍ଣ୍ଣ ମାରେ ନିଶ୍ଚୟେ । ପଦ ।

ଶଙ୍ଖଫଳୀ କଳଙ୍କାବନ ଝଳ ସ୍ୱଇନ୍ଦ୍ର,
ପ୍ରକ୍ଷାଳନ ଅଛ ଜଶିର ଶରୀରଦୋଦର,
ଅନ୍ତରତ ମୂମଦ୍ଧତ ଏ ମଧୁ ଶୀକର,
ଲାଗଇ ତୀବ୍ର ତପତ ତୈଳସେଚନ ପ୍ରାୟେ । ୧ ।

ପିକବ୍ରାତ କଳ କୁହୁଙ୍କାର ଅଶନି ପତନ,
ମଧୁକରତତି ଝଙ୍କାର ଛଳେ ତରଜନ,
ବହେ ମନ ମରୁତ ମନ ବଇର ସାଧନ,
ସକଳେ ମିଶି ମୋରେ ହରନ୍ତି ହା ଏ ସମୟେ । ୨ ।

ଏ ପର୍ଯ୍ୟନ୍ତ ମୋହର ଆଶା ଥିଲା କି ଚନ୍ଦ୍ରୋଦୟ ହେଲେ ତାହାର ଅମୃତବର୍ଷୀ ଶୀତଳ କିରଣଦ୍ୱାରା ମୋର ଦାହ ଶାନ୍ତ ହେବ, କିନ୍ତୁ ଏହି ଆଶା ଦୁରାଶାରେ ପରିଣତ ହେଲା । ହା ପ୍ରିୟତମେ ! ତୋ ବିନା ଏ ଜଗତ୍ ମତେ ଭୟଙ୍କର ଲାଗୁଅଛି ।

ସାକି

ଚନ୍ଦନଚର୍ଚ୍ଚା କଣ୍ଟଲେପନପର ମଳୟାନିଳ ଦଏ ଦାହ,
କମଳଶଯ୍ୟା ଏ କଣ୍ଟକମୟ ଶଶାଙ୍କ କି ଜାଳେ ଦେହ,
ସ୍ୱଭାବେ ଯେହି ଥିବ, ଏବେ ସେ ହୋଇଲେ ବିପରୀତ ୧ ।

(ମୁଦ୍ରିକା ହାତରେ ଧରି) ଗୁଣବନ୍ତ ମୁଦ୍ରାହାରୀ ଅଙ୍ଗୁରୀ ତୁ ପ୍ରିୟାହୃଦୟରେ ବାସ କରୁଥିଲୁ, ଏହେତୁରୁ ତତେ ମୁଁ ସେହି ହୃଦୟର ଭାବ ପଚାରୁଅଛି, ଉତ୍ତର ଦେଇ ତନ୍ତ୍ରୀ

ହରଣ କର । ସେହି ହୃଦୟରେ ଦୟା କ୍ଷମା ମାୟା ଅଛି ?
ତାହା ବଜ୍ରକଠୋର, ଅବା ଶିରୀଷକୋମଳ ? ତହିଁରେ
ମୋ ପ୍ରତି ଲେଶ ଅଭିଳାଷ ଜନ୍ମିଅଛି, ଅଥବା ମତେ ଜୀବିତ
କରିବା ବାଞ୍ଛା ଉଦିତ ହୋଇଅଛି? ହା ଗନ୍ଧର୍ବରାଜ ପ୍ରିୟପୁତ୍ରି !
ମୋହର ଅତିପ୍ରିୟ ତପସ୍ୟାର ଗୁରୁନିର୍ଦ୍ଦିଷ୍ଟ ମାର୍ଗ ଛାଡି
ଏବେ ମୁଁ ତୋ ପ୍ରାପ୍ତି ଇଚ୍ଛାରେ—

ରାଗ ହିନ୍ଦୁସ୍ଥାନ ଭୈରବୀ, ତାଳ ରୂପକ । ପ୍ରଭୋ ଅନାଥପାଳକୀ ପ୍ରତି ।ମ

ତମ୍ବୁଲୁଷ୍କୁଲୋଚନେ, ହେଲି ତପସ୍ୱୀ ନୂତନେ । ପଦ ।
ଅତନୁ ତାପରୁ ବଳେ •ଜନିତ ସ୍ୱେଦ ସଲିଳେ
କରତ ସ୍ନାନ ସରେଳେ ବସି ମୁଁ ପଦ୍ମଆସନେ । ୧ ।
ସରସ ଚନ୍ଦନ ରସ ଭ୍ରସ୍ମ କୋମଳ କଣ୍ଠ,
ଉପବୀତ ଅଂଶଦେଶ ବହି ମୃଣାଳ ମନେ । ୨ ।
ଏ ରୁଚିର ଏକାବଳୀ କର ସଦା ଜପାମାଳ,
ଜପେ ତୋ ନାମଆବଳୀ ଲତାଭବନେ ନିର୍ଜନେ । ୩ ।
ତେବେ ପ୍ରିୟେ ! ଏଥିର ପ୍ରତିଫଳ ମତେ ପ୍ରାପ୍ତି ହେବ ନାହିଁ ?
ନିର୍ଦ୍ଦୟେ ମହାଶ୍ୱେତେ ! ମୋର ସନ୍ତାପ ଅତି ପ୍ରବଳ ହେଉ-
ଅଛି, ପ୍ରାଣ ବ୍ୟାକୁଳ ହେଉଅଛି, ଆଉ କେତେବେଳ
ରହିଁ ରହିବ ? (ଚମକି) ମୋ ପ୍ରାଣକୁ ଅକସ୍ମାତ୍ କିଏ
ଆକର୍ଷଣ କରୁଅଛି ? (ପୂର୍ବ ଦିଗକୁ ଚାହିଁ ଉଠି ଆବେଶରେ)
ଅଧମ କଳଙ୍କୀ ଚନ୍ଦ୍ର ! ମହାଶ୍ୱେତା ବିରହରୁ ବିକଳାନ୍ତଃକରଣ
ହୋଇ ମୁଁ ଜ୍ଞାନହୀନ ହୋଇଥିଲାଠାରେ ଦୁର୍ବଳ ଦେଖି
ନିଜ କରରେ ବଳାତ୍କାରେ ମୋ ପ୍ରାଣ ହରଣ କରୁଅଛୁ ?
ତେବେ ଏ ଶାପ ଦେଉ—ତୁ ନେକ ଜନ୍ମ ମୃତ୍ୟୁଲୋକରେ
ଏହିପରି ବିରହଶୋକରେ ତୋ ପ୍ରାଣ ଯାଉ ।

( ମୂର୍ଚ୍ଛିତ ହେବା )

ନେପଥ୍ୟେ—ଦୁଶ୍ଚରିତ୍ର କାମାନ୍ଧ ପୁଣ୍ଡରୀକ! ନିଜ ଦୋଷରେ ମୃତ୍ୟୁ ପାଇ ଅପ-
ରାଧ ବିନା ମତେ ଏ ଶାପ ଦେଲୁ, ଅତଏବ ମୁଁ ମଧ୍ୟ ପ୍ରତିଶାପ
ଦେଉଅଛି କି ମୋ ସଙ୍ଗେ ସଙ୍ଗେ ତୁ ସେହି ଜନ୍ମମାନଙ୍କରେ
ସୁଖ ଦୁଃଖ ଭୋଗ କରି ଏପରି ବିରହମୃତ୍ୟୁ ପାଇବୁ ।

(ସହସା କପିଞ୍ଜଳ ପ୍ରବେଶ)

କପିଞ୍ଜଳ—(ପୁଣ୍ଡରୀକଙ୍କୁ ଧରି) ସଖେ ପୁଣ୍ଡରୀକ ! ସଚେତ ହୁଅ। ଏହିକ୍ଷଣି
ମହାଶ୍ୱେତା ଆସି ତୁମ୍ଭ ମନୋରଥ ପୂର୍ଣ୍ଣ କରିବ ।

ପୁଣ୍ଡରୀକ—(ଚକ୍ଷୁ ଫିଟାଇ) କାହିଁ କାହିଁ ? ପ୍ରିୟେ ମହାଶ୍ୱେତେ ! ହା !
ମୋହର ସେତେ ଭାଗ୍ୟ କାହିଁ ? ସଖେ କପିଞ୍ଜଳ ! ମୁଁ ଜାଣିଲି,
ମୋ ପ୍ରାଣ ରକ୍ଷା ନିମନ୍ତେ ତୁମ୍ଭେ ବହୁ ଶ୍ରମ ଓ କୌଶଳ କରିଅଛ,
କିନ୍ତୁ ଏ ସବୁ ନିଷ୍ଫଳ । ଦେଖ, ପ୍ରିୟା ବିନା ମୋ ହୃଦୟପଞ୍ଜରରୁ
ପ୍ରାଣପକ୍ଷୀ ଉଡ଼ି ଯିବାକୁ ଉଦ୍ୟମ ହେଉଅଛି ।

କପିଞ୍ଜଳ—ସଖେ ! ଅଧୈର୍ଯ୍ୟ ହୋଇ ଏ ଅମଙ୍ଗଳ ବାକ୍ୟ କାହିଁକି
କହୁଅଛ ? ମୁଁ ଏ ସକଳ ବୃତ୍ତାନ୍ତ ମହାଶ୍ୱେତାକୁ ଜଣାଇଲି, ସେ
ଅବଶ୍ୟ ଏହିକ୍ଷଣି ଆସିବ ।

ପୁଣ୍ଡରୀକ—ସଖେ କପିଞ୍ଜଳ ! ମୋ ଜୀବନର ଶେଷ ଦଶାରେ ପୁଣି ଏପରି
ମିଥ୍ୟା କଥନ ତୁମ୍ଭର ଅନୁଚିତ । ଆଉ ମୁଁ ବାକ୍ୟୋଚ୍ଚାରଣ କରି
ପାରୁ ନାହିଁ, ମୋ ଅନ୍ତରାତ୍ମା ଗାଢ଼ ଅନ୍ଧକାରରେ ମଗ୍ନ ହେଉଅଛି ।
କପିଞ୍ଜଳ ! ପିତୃଦେବଙ୍କ ଚରଣକମଳରେ ମୋହର ଅନ୍ତିମ
ପ୍ରଣାମ ଜଣାଇ ଦେବ ।

କପିଞ୍ଜଳ—(ସ୍ୱଗତ) ହା ! କି ଭୟାନକ ବିପଦ ପଡ଼ିଲା । ଏହାଙ୍କ ଲକ୍ଷଣ ଆଶା-
ପ୍ରଦ ନୁହେ । ଏବେ କଣ କରିବା? ଏ ବୃତ୍ତାନ୍ତ ଏହିକ୍ଷଣି ଭଗ-
ବାନ୍ ଶ୍ୱେତକେତୁଙ୍କୁ କିଏ ଜଣାଇ ଦେବ ? (ପ୍ରକାଶ) ପ୍ରାଣ-
ସଖେ ! ଏକ ମୁହୂର୍ତ୍ତ ମାତ୍ର ସମ୍ଭାଳ ରହ ! ମୁଁ ସତ୍ୟ କହୁଛି

ନ ମିଥ୍ୟା କହୁଛ, ବୁଝିବ । ମହାଶ୍ୱେତା ଏବେ ଅତି ସମୀପରୁ ଆସିଥିବ ॥

ପୁଣ୍ଡରୀକ— ସଖେ କପିଞ୍ଜଳ ! ମୋ ପ୍ରାଣ ଗଲା ପରେ ପ୍ରିୟତମାକୁ ଏତକ ଜଣାଇ ଦେବ ।

ଅଞ୍ଜଳୀ ଗୀତ ।

ତୋ ହରହରେ ମୋ ଗଲା ଜୀବନ
ବୋଲି ସୁକୁମାର କୋମଳ ମନ,
ଦୁଃଖିତ କରନ୍ତୁ ନାହିଁ ଜୀବଧନ, କେବେହେଁ ଏ ବଚନ ।

ହା କଠିନହୃଦୟେ ଗନ୍ଧର୍ବକନ୍ୟେ ! ଏ ଜନ୍ମରେ ମୋ ପ୍ରତି ତୋହର ଅନୁକମ୍ପା ହେଲା ନାହିଁ, ତେବେ ଭବିଷ୍ୟତ ଜନ୍ମରେ ସ୍ୱା ମନେ ସ୍ୱୀକାର କଲେ ମୁଁ ଆପଣାକୁ କୃତାର୍ଥ ମଣିବ । ହା ହା ! ପ୍ରାଣୋତ୍କ୍ରମଣ ହେଉଅଛୁ ।

ସାକ

ପାଷାଣ ସଦୃଶ ମସ୍ତକ ଲାଗେ ଦୃଷ୍ଟେ ନ ଦିଶଇ କିଛି,
କ୍ଷଣକ୍ଷଣକେ ମତି ବିଭ୍ରମ ହୁଅଇ ଅଙ୍ଗ ସ୍ଫୁରଣ ନୋହୁଛି ।
ଜିହ୍ୱା ଜଡ଼ ପଡ଼ିଲା, ପ୍ରିୟେ ହା ହା ପ୍ରାଣ ଗଲା ।

( ପତନ )

କପିଞ୍ଜଳ— ( କପାଳରେ ହାତ ମାରି ! ) ହାୟ ହାୟ ! ସର୍ବନାଶ ହେଲା ! ମୋ ମିତ୍ର ଅଉ କାହାନ୍ତି ! ଦୁରାତ୍ମା ମଦନ ପିଶାଚ କି ଅକୃତ୍ୟ କଲୁ ? ଦୁର୍ବିନୀତେ ମହାଶ୍ୱେତେ ! ତୋହର ଏ କେଉଁ ଅପକାର କଲେ ? ଚଣ୍ଡାଳ ଚନ୍ଦ୍ର ! କୃତାର୍ଥ ହେଲୁ ? ଅଦକ୍ଷିଣ ଦକ୍ଷିଣାନିଳ ! ତୋ ମନୋରଥ ପୂର୍ଣ୍ଣ ହେଲା ? ହା ପୁତ୍ରବତ୍ସଳ-ଭଗବନ୍ ଶ୍ୱେତକେତୋ ! ଏ ଅବସ୍ଥା ଜାଣି ନାହିଁ । ଧର୍ମ ଅନ-ବସ୍ଥିତ ହେଲା, ତପ ! ନିରାଶ୍ରୟ ହେଲା, ସତ୍ୟ ! ଅନାଥ ହେଲା, ସୁରଲୋକ ! ଶୂନ୍ୟ ହେଲା ।

ତାଳ ଆଦ । ନାଡ଼ୁବାଜାଙ୍କ ପ୍ରଭ । ୨୨ ।

ଅହା ଗୁଞ୍ଜୀବ ମୁଖ ମୋ ଜୀବ ପ୍ରିୟସହଚର ହେ,
କାହା ଶ୍ରୀମୁଖ ଚାହିଁ ଏ ଦୁଃଖ ହରଇ ସହିବ ହେ ! ପଦ ।
ମତେ ଉପେକ୍ଷି ଗଲ ଏକାକୀ, କଲ ଅନ୍ତର ହେ ॥
ପହିଲୁ ମିତ ତୋହଲ ଏତ ସ୍ନେହର ବେଭାର ହେ ॥ ୧ ॥
ଧିକ ଏ ନେତ୍ର, ଧିକ ଏ ଗାତ୍ର, ଫୁଟି ଭୁଟିବାର ହେ,
ସମ୍ଭବ ନାହିଁ, ଦମ୍ଭେ ଯା ରହି ଅଛୁ କ କଷ୍ଟର ହେ ॥ ୨ ॥
ଲୁଠି ଧରାରେ ସଉନି ବାରେ , ଉଠି କ ଯତ୍ନର ହେ,
ସ୍ନେହ ଭାବ ବହି ନେ ହେବ ପରଦ୍ରାଣ ମୋର ହେ ॥ ୩ ॥

ସଖେ ପୁଣ୍ଡରୀକ ! ରହ ରହ, ମୁଁ ଶୀଘ୍ର ଆସୁଅଛି ! ତୁମ୍ଭ ବିନା କ୍ଷଣ ମାତ୍ର ମୁଁ ଏକାକୀ ରହି ପାରିବି ନାହିଁ । କେଉଁଠାକୁ ଯିବି ? କାହାଠାରେ ଶରଣ ପଶିବି ? ମୋର ଦଶଦିଗ ଶୂନ୍ୟ ହେଲା ।

( ସସମ୍ଭ୍ରମ ମହାଶ୍ୱେତା ଓ ବିଳାସସାମଗ୍ରୀହସ୍ତା ତରଳିକା ପ୍ରବେଶ )

ମହାଶ୍ୱେତା— ସଖି ତରଳିକେ ! ଶୁଣ ଶୁଣ, ଏ କାହାର ଆର୍ତ୍ତ ସ୍ୱର ?

କପିଞ୍ଜଳ— ସଖେ ! ମୁଁ ବିଳମ୍ବ କଲି ବୋଲି ରୋଷ ଧରିଅଛ ? ହା ହା ! ତୁମ୍ଭ ନିମନ୍ତେ ମହାଶ୍ୱେତା ନିକଟରେ ମୁଁ ଯେତେ ପ୍ରାର୍ଥନା କଲି, ସେ ସକଳ ବ୍ୟର୍ଥ ହେଲା ॥

ମହାଶ୍ୱେତା— ସଖି ! ଏ କପିଞ୍ଜଳ କଣ୍ଠସ୍ୱର । ଦୈବ ମୋ କପାଳରେ କଣ ଲେଖିଅଛି ! ଘରୁ ବାହାରିଲାବେଳେ ଅପଶକୁନ ହୋଇଥିଲା । କିଏ ଶୋକ କରୁଅଛି ?

କପିଞ୍ଜଳ— ( ମହାଶ୍ୱେତାକୁ ଚାହିଁ ) ଶିବ ଶିବ ! ଏ ମହାଶ୍ୱେତା ଆସିଲା ।

ମହାଶ୍ୱେତା— ଭଗବନ୍ ! ମୋ ମହାଭାଗ କୁମାର କେଉଁଠାରେ ?

କପିଞ୍ଜଳ— ରାଜପୁତ୍ରି ! କଅଣ କହିବ ? ତୋହର ପ୍ରସ୍ତାବରୁ ପ୍ରାଣ ଗଲା

ପରେ ତ୍ରୈଲୋକ୍ୟଲଲାମଣି ବନିତା ପ୍ରାପ୍ତ ହେଲ ପର ତୁମ୍ଭେ ଏବେ ଅସିଅଛ । ନିଷ୍ଠୁର ମଦନ ସବୁ ସାର ଦେଇଅଛି ।

ମହାଶ୍ୱେତା—( ପୁଣ୍ଡରୀକ କଳେବରକୁ ଛୁଇଁ ) ହା ଜୀବିତେଶ୍ୱର ! ହା ମୁନିକୁମାର ! କେଉଁଠାକୁ ଗଲ ?

( ଦେହ ଉପରେ ମୂର୍ଚ୍ଛାରେ ପଡ଼ିବା )

ତରଳିକା— ( ବିଳାସସାମଗ୍ରୀ ଫିଙ୍ଗି ) ଭର୍ତ୍ତୃଦାରିକେ ଭର୍ତ୍ତୃଦାରିକେ ! ( ଧରିବା )

ମହାଶ୍ୱେତା— ( ଚେତା ପାଇ ) ତରଳିକେ ! ମୁଁ କେଉଁ ଅନ୍ଧକାରରେ ଅଛି ? କଣ କରୁଅଛି ?

ରାଗ ତୋଡ଼ି । ତାଳ ରୂପକ । ରମୋଗବନୀ ପ୍ରଭ । ୨୩ ।

ଆହା ଏ ଦଶା ସହିବ କେହି, ନବଅବଳା ସରଳା ହୋଇ । ପଦ ।
ରହି ନ ହଟେ ଶ ସାରଭୁବନେ, ଯାହା କେ ପ୍ରାଣନାହା ବଞ୍ଚିଲେ ।୧।
ଦରିଦ୍ର ଜନେ ଦେଖାଇ ନିଧି, ହରି ନେଲୁ ଯା ବିଧି କି ବିଧି । ୨ ।
ସତେ ମୋ ହୃଦ କେଡ଼େ କଠିନ, ଶତଧା ଯାହା ନୋହେ ବିଦୀର୍ଣ୍ଣ ।୩।

ତରଳିକା— ( ସ୍ୱଗତ ) ହା ! ଦାରୁଣ ବିଧିର କି ଦୁର୍ବିଳସିତ !

ମହାଶ୍ୱେତା— ହତ ଶରୀର ! ଅବଶ୍ୟ ଦୁଃଖାନୁଭବ ନିମନ୍ତେ ସହିଷ୍ଣୁତା ଦେଖାଉଅଛୁ ? ଦଗ୍ଧ ଦୈବ ! ତୋହର କି ଦୁଃଖଦାନନିପୁଣତା ? ମନ୍ଦଅଦୃଷ୍ଟକ ! ତୋହର କି ଏକାନ୍ତ ବାମତା ? ମୁଁ ଅଞ୍ଜଳି କରି ମାଗୁଛି, ତୁମ୍ଭେ ସମସ୍ତେ ମିଶି ଶୀଘ୍ର ମୋ ପ୍ରାଣ ନିଅ ।

ତରଳିକା— ( ଅଶ୍ରୁ ପୋଛି ) ଭର୍ତ୍ତୃଦାରିକେ ! ଧୈର୍ଯ୍ୟ ଧାରଣ କର ।

କପିଞ୍ଜଳ— ( ସ୍ୱଗତ ) ହତଭାଗ୍ୟ କପିଞ୍ଜଳ ! ଏହି ଘୋର ଦଶା ଅନୁଭବ କରିବାକୁ କି ଜନ୍ମଗ୍ରହଣ କରିଥିଲୁ ?

ମହାଶ୍ୱେତା— ହା ପ୍ରାଣନାଥ ! ମୋତେ ଅନାଥା ଏକାକିନୀ କଲ ? ତରଳିକାକୁ ପଚାର, ତୁମ୍ଭ ପାଇଁ ମୁଁ ଏକ ଦିବସକୁ ଅତି

କଷ୍ଟରେ ଯୁଗ ସହସ୍ର ପରି ଅତିବାହିତ କଲି । ପ୍ରସନ୍ନ ହୋଇ କଥା ପଦେ କହ, ଥରେମାତ୍ର କଟାକ୍ଷପାତ କରି ମୋ ମନୋରଥ ପୂର୍ଣ୍ଣ କର । ଜୀବିତେଶ୍ୱର ! କହ କହ, ମୁଁ କି ଅପରାଧ କଲି ? ତୁମ୍ଭର କେଉଁ ଆଜ୍ଞା ମାନିଲି ନାହିଁ ? ତେବେ ଏତେ ରୋଷ କାହିଁକି ?

ରାଗ ଝିଲି । ତାଳ ଆଡ଼ । କୈଁଆମାର ଚେଜ ପ୍ରାୟ । ୨୪ ।

ହା ପ୍ରାଣପ୍ରିୟ ନିର୍ଦ୍ଦୟିତା ପରକାଶି, ଗଲ କାହିଁ ସୁଗୁଣରାଶି । ପଦ ।
ମୁହିଁ ଅଶରଣା ବାଳା ହେଲି ଅତି ଦୀନା ପାତକୀ କର୍ମବିହୀନା,
ମନେ ଆଶା କରିଥିଲି କେତେ, ହେବି ତୁମ୍ଭ ପ୍ରିୟତମା ସତେ,
ଏବେ କାହା କରେ ସମର୍ପି ଦେଲ ଏ ଦାସୀ ବିଷ୍ଟବ ବିଘୁଣ ମନାସି । ୧ ।
ଶଶି ସଙ୍ଗତରେ କୌମୁଦୀ ଅସ୍ତକୁ ଯାଏ, ଘନ ସହିତ ଚପଳା ଯାଏ,
ଯଦି ଅଚେତନେ କଲେ ଏହା, କେହି ବରଜିବ ସେହି ରହା,
ଯେଣୁ ପ୍ରଥମରେ ପରଲୋକପରବାସୀ ନାଥ ସେବିବ ପଛେ ମୁଁ ଆସି । ୨ ।

ତରଳିକା— ଭର୍ତ୍ତୃଦାରିକେ ! ଏତେବେଳେ ଶୋକ ନ କର ବୋଲି ତୁମ୍ଭଙ୍କୁ କହିବାକୁ ରସନା ଚଳୁ ନାହିଁ, ତଥାପି ନିର୍ଘୃଣ ପାପ ବିଧି ଯେଉଁ ନିଯୋଗ କରୁଅଛି, ତାହା ନତମସ୍ତକରେ ସ୍ୱୀକାର କରିବାହିଁ ମନୁଷ୍ୟର କର୍ତ୍ତବ୍ୟ । ଅତଏବ ଶୋକାବେଗ ସମ୍ଭାଳ, ଭଗବନ୍ କପିଞ୍ଜଳ ! ତୁମ୍ଭେ ହେଲେ ଏହାଙ୍କୁ କିଛି ଉପଦେଶ ଦିଅ ।

କପିଞ୍ଜଳ— ( ମୌନ ଭାବରେ ରହିବା )

ମହାଶ୍ୱେତା— ହୃଦୟବଲ୍ଲଭ ! ତୁମ୍ଭ ଲାଗି ମୁଁ ଜନକ ଜନନୀ କୁଳଶୀଳ ତୃଣ ପ୍ରାୟ ତ୍ୟାଗ କରି ଏଠାକୁ ଧାଇଁ ଆସିଥିଲାଠାରେ ମତେ ଏପରି ଦୁଃଖସାଗରରେ ଭସାଇ ଚାଲି ଯିବା ତୁମ୍ଭର ଉଚିତ ? ହା ହା ! ମୁଁ ମନ୍ଦଭାଗିନୀ, ପାପଚାରିଣୀ, ମୋ ଲାଗି ତୁମ୍ଭର ଏ ଦଶା ହେଲା ! ମୁଁ ନୃଶଂସହୃଦୟା, ଏପରି ଅବସ୍ଥାରେ ତୁମ୍ଭଙ୍କ

ଛଡ଼ି କାହିଁକି ହୃଦକୁ ଗଲ ? ଏବେ ମୋ ଗୁହାରି କିଏଁ ଶୁଣିବ ?

ଅଞ୍ଜଳୀ ଗୀତ ।

ନିର୍ଦ୍ଦୟ ଦୈବ ଅନୁନୟ ଘେନ, ଜୀବିତନାଥ ଦିଅ ମତେ ଆଣି ।
ବନଦେବତାଏ ନିଜ ସୁତା ମଣି ମୋ ସଉଭାଗ୍ୟ ରଖ ।

କପିଞ୍ଜଳ— କି ଦୁର୍ଘଟନା ! ବିପଦପରଂପରା ତରଙ୍ଗିତ ହୋଇ ଉଠୁ-
ଅଛି ।

ରାଗ ଆନନ୍ଦଭୈରବୀ । ତାଳ ଅଦ । ରେଳ ଏଣ୍ଟମାନଙ୍କୁ ପ୍ରଭୁ । ୧୫ ।

ମୁହିଁ ସମ୍ଭାଳି ନ ପାରଇ ଆଉ । ପଦ ।
ପ୍ରାଣାଧିକ ସୁହୃଦ ପ୍ରାଣ ବିନାଶ ହୃଦ—
ମରମବ୍ରଣ ଛେଦକାରୀ ଯାତନା ଦାଉ । ୧ ।
ସୁକୁମାରୀ କୁଳୀନା ବାଳା ସରଳମନା
ରୋଦନକଦର୍ଥନା ନ ଶୁଣି ଜୀବ ଯାଉ । ୨ ।

ମହାଶ୍ୱେତା— ( ପଡ଼ିଥିବା ମୁକ୍ତାହାର ଧରି ) ହା ପାପେ ଏକାବଳି ! ମୁଁ
ଆସିବା ଯାଏ ପ୍ରିୟତମଙ୍କ ପ୍ରାଣ ରକ୍ଷା କରି ପାରିଲୁ ନାହିଁ ?
ଭଗବନ୍ କପିଞ୍ଜଳ ! ପ୍ରାଣେଶ୍ୱର ପୁନରୁଜ୍ଜୀବିତ ହେବାଲାଗି
ତ୍ରିଭୁବନରେ କିଛି ହେଲେ ଉପାୟ ନାହିଁ ?

କପିଞ୍ଜଳ— ପ୍ରବଳ ଶୋକାବେଗ ମୋ ବୁଦ୍ଧି ହରଣ କରିଅଛି, ମତେ
କିଛି ଉପାୟ ଦିଶୁ ନାହିଁ ।

ତାଳ ଅଦ । ମେହର ରଙ୍ଗୋ ଶାହାଗଙ୍କ ପ୍ରଭୁ । ୧୬ ।

ଆଶା ନାହିଁ ତକୁର ଆଉ ।
ନୀଦଳ ମନ ମୃଦୁପସନ ସ୍ମିତଯୁତବାଣୀ ପୀୟୂଷଲହରୀ । ପଦ ।
ଦୟାଦାକ୍ଷିଣ୍ୟପ୍ରଣୟପୂର୍ତ୍ତି ସରଳ ମଧୁର ଗମ୍ଭୀରକାନ୍ତି,
ଅନଳ୍ପକରଅନଙ୍ଗକରମାର୍ଜିତ ମୁକୁର ମୁଖଶ୍ରୀ ମାଧୁରୀ । ୧ ।

ଧୂର୍ତ୍ତ ରମଣୀକ ଧୂର୍ତ୍ତ ନାଟକ ଝଟକ ଅଙ୍ଗର ଅଙ୍ଗଗଣିତ୍ୱ,
ଏ ଜନମରେ ମୁଁ ଲଭିବାରେ ପଣ୍ଡିତକର୍ତ୍ତୃତ୍ୱା ନାମ ସହିତ । ୨ ।

ତରଳକା— ଭର୍ତ୍ତୃଦାରକେ ! ଆବାଲ୍ୟରୁ ତୁମ୍ଭେ କେବେହେଲେ କଚ୍ଛ ଅକାର୍ଯ୍ୟ କର ନାହିଁ, ତେବେ କିଧାତାର ଏ କ ଅବିଗ୍ନର ?

ମହାଶ୍ୱେତା— କାଦମ୍ବରୀ ବିବାହ ନ ହେଲେ ମୁଁ ବର କାମନା କରିବ ନାହିଁ ବୋଲି ଯେଉଁ ସତ୍ୟ କରିଥିଲି, ତାହା ଅନ୍ୟଥା କରିଥିବାରୁ ରୁଷ୍ଟ ହୋଇ ବିଧାତା ମତେ ଏହି ଦଶା ଦେଇଅଛି । ନୋହିଲେ ବିନା ମେଘରେ ବଜ୍ରପାତ ସଦୃଶ ଅଯଲ୍ପ କାଳ ମଧ୍ୟରେ ଏତେ ଘୋର କଷ୍ଟ ଆପତିତ ହୁଅନ୍ତା ?

ତରଳକା— ପୂର୍ବକଥା ସ୍ମରଣ କଲେ କ ଉପଯୋଗ ? କେବଳ ଶୋକ ଅଧିକ ବଢ଼ିବ ।

ମହାଶ୍ୱେତା— ନିଷ୍ଠୁରହୃଦୟେ ତରଳକେ ! ଉଠ ଉଠ, ଏହି ଶେଷ ଆଦେଶ ପାଳନ କର । ଆଉ କେତେକାଳ ଏପରି ବେଦନ କର ଯନ୍ତ୍ରଣା ଭୋଗ କରିବ ? ଶୀଘ୍ର କାଷ୍ଠ ଆଣି ଚିତା ରଚନା କର । ଜୀବିତେଶ୍ୱରଙ୍କ ସହଗମନ କରିବ ।

( ଉଜ୍ଜ୍ୱଳବେଶ ଚନ୍ଦ୍ର ପ୍ରବେଶ )

ତରଳକା— ଭର୍ତ୍ତୃଦାରକେ ! କ ଚମତ୍କାର ! ଅକସ୍ମାତ୍ ଆକାଶରୁ ଏହି ଅତି ସ୍ୱଚ୍ଛ ଦିବ୍ୟାକୃତି ପୁରୁଷ ଖସି ଭୂତଳେ ଅବସ୍ଥିତ ହେଲେ ।

ମହାଶ୍ୱେତା— ସତେ କ ମୋ ଆକାଶଭେଦୀ କରୁଣ ସ୍ୱନ ଶୁଣି କୌଣସି ଦୟାର୍ଦ୍ର ଦେବତା ପ୍ରିୟତମଙ୍କୁ ଜୀବଦାନ ଦେବା ଲାଗି ଆସି-ଅଛନ୍ତି ? (ଚନ୍ଦ୍ରଙ୍କୁ ଚାହିଁ)

ମହାଭାଗ ! ମୁଁ ଆପଣଙ୍କଠାରେ ଶରଣାପନ୍ନ ହେଲି, ମତେ ଧର୍ମକନ୍ୟା ଜ୍ଞାନ କରି ମୋ ପତିଙ୍କ ଜୀବଦାନ କର ।

ଚନ୍ଦ୍ର— ବତ୍ସେ ମହାଶ୍ୱେତେ ! ତୁମ୍ଭେ କଦାପି ପ୍ରାଣ ପରିତ୍ୟାଗ କରିବ ନାହିଁ, ଏହାଙ୍କ ସଙ୍ଗେ ତୁମ୍ଭର ପୁନରପି ସମାଗମ ହେବ ।

( ପୁଣ୍ଡରୀକଙ୍କ ଦେହ ଧରି ଊର୍ଦ୍ଧ୍ୱକୁ ନିଷ୍କ୍ରାନ୍ତ )

ମହାଶ୍ୱେତା— ଭଗବନ୍ କପିଞ୍ଜଳ ! ଏ କିଏ ? କାହିଁକି ନାଥଙ୍କ ଶରୀର ନେଲେ ?

କପିଞ୍ଜଳ— ( ସକ୍ରୋଧ ଉପରକୁ ଚାହିଁ ) ଦୁଷ୍ଟ ଅଜ୍ଞାନ ! ମୋ ପ୍ରିୟ ବୟସ୍ୟଙ୍କ ଅପହରଣ କରି କେଉଁଆଡ଼େ ଯିବୁ ? ରହ ରହ ।

( ଊର୍ଦ୍ଧ୍ୱକୁ ନିଷ୍କ୍ରାନ୍ତ )

ତରଳିକା— ( ଊର୍ଦ୍ଧ୍ୱକୁ ଚାହିଁ ) ଅହୋ ! ସମସ୍ତେ ନକ୍ଷତ୍ରମଣ୍ଡଳ ମଧ୍ୟରେ ପହଞ୍ଚିଲେ ।

ମହାଶ୍ୱେତା— ତରଳିକେ ! ଏ କି ଚରିତ୍ର ? ଏଥିର କାରଣ କିଛି ଜାଣିଅଛୁ ? ହା ! ମୋ ମନ୍ଦଭାଗ୍ୟ ଆହୁରି କେତେ ଦୁର୍ଘଟନା ଘଟାଇବ ?

ଅଞ୍ଜଳୀ ଗୀତ ।

ସେ ମହାପୁରୁଷ ମୋର ସୁହାସ ଶୁଣି ପ୍ରାଣ ଦେବା ଥାଉ ସହଚରି,
ହସ୍ତ ଅନ୍ତରିଲେ ନାଥ ତନୁ ହରି  ସହଗମନ କାର୍ଯ୍ୟେ ।

ତରଳିକା— ଭର୍ତ୍ତୃଦାରିକେ ! ଯାହାହେଉ ସେ ମହାପୁରୁଷ ଗଲାବେଳେ ଅନୁକମ୍ପା କରି ପିତାପରି ଆଶ୍ୱାସନା ଦେଇ ଯାହା କହି-ଅଛନ୍ତି, ତାହା କଦାପି ମିଥ୍ୟା ହେବ ନାହିଁ । ଅତଏବ ମୁଁ ହାତ ଯୋଡ଼ୁଅଛି, ଶରୀରତ୍ୟାଗ କଥା ଆଉ ବାହାର କରିବେ ନାହିଁ ।

ମହାଶ୍ୱେତା— ସଖି ! ତୁ କହିବା କଥା ଯଥାର୍ଥ, କିନ୍ତୁ ସେ ଦିବ୍ୟ ପୁରୁଷ କିଏ ? କି ଉଦ୍ଦେଶ୍ୟରେ ପ୍ରାଣନାଥଙ୍କୁ ହରଣ କଲେ ? ଏ ସକଳ ନ ଜାଣି ସଂଶୟାପନ୍ନ ଜୀବନ କିପରି ରକ୍ଷି ପାରିବ ?

ତରଳିକା— ଭର୍ତ୍ତୃଦାରିକେ ! ସେହି ପୁରୁଷ ସଙ୍ଗେ ସଙ୍ଗେ କପିଞ୍ଜଳ ଯାଇଅଛନ୍ତି, ତେବେ ସେ କିଏ, କାହିଁକି କଳେବର ନେଲେ, ଏ ସକଳ ବୃତ୍ତାନ୍ତ ବୁଝି ଆସି ତୁମ୍ଭଙ୍କୁ ଜଣାଇ ଆଶ୍ୱାସନା ନ ଦେଇ ରହିବେ ନାହିଁ । ସେତେବେଳେ ମରଣ ବା ଜୀବନ ବିଷୟରେ ଚିନ୍ତା କରିବା । ଏଣୁ ତାହାଙ୍କ ଆଗମନ ପର୍ଯ୍ୟନ୍ତ ପ୍ରାଣ ଧାରଣ କର ।

ମହାଶ୍ୱେତା— ସଖି ! ଏହା ଏକପ୍ରକାର କରଣୀୟ ବୋଲି ପ୍ରତୀତ ହେଉଅଛି ।

ତରଳିକା— ( ସ୍ୱଗତ ) କଥେ ! ସର୍ବଥା ଏହାଙ୍କ ଜୀବନ ରକ୍ଷା କର ।

ମହାଶ୍ୱେତା—( ସ୍ୱଗତ ) ସକଳଲୋକଦୁର୍ଲଂଘ୍ୟ ଜୀବିତତୃଷ୍ଣା, ସ୍ତ୍ରୀ ସ୍ୱଭାବର କ୍ଷୁଦ୍ରତା, ମୃଗତୃଷ୍ଣାରୂପିଣୀ ଦୁରାଶା, କପିଞ୍ଜଳଙ୍କ ପ୍ରତ୍ୟାଗମନାକାଂକ୍ଷା ଏ ସକଳ ମିଶି ମୋହର ପ୍ରାଣତ୍ୟାଗର ଅନ୍ତରାୟ ହେଉଅଛନ୍ତି । ( ପ୍ରକାଶ ) ସଖି ତରଳିକେ ! ଯାତନାମୟୀ କାଳରାତ୍ରି ବର୍ଷସହସ୍ରପରି ଅତିବାହିତ ହୋଇ ଏବେ ପ୍ରଭାତ ହୋଇଅଛି ।

ତରଳିକା— ଭର୍ତ୍ତୃଦାରିକେ ! ଏବେ ଚାଲ ଗୃହକୁ ଯିବା ।

ମହାଶ୍ୱେତା—ଗୃହକୁ ? ଏହା କଦାପି ହୋଇ ପାରିବ ନାହିଁ ।

ତରଳିକା— ତେବେ ଆଉ କଣ କରିବାକୁ ଇଚ୍ଛା ଅଛି ?

ମହାଶ୍ୱେତା—ଶାଳ ଅଧ । ତହି ଯାକରେ କୋଉଁବାଳା ପ୍ରତି । ୨୭ ।

ମନ ବଶବଶେ ସହି, ତବ ନାଥ ମୁଁ ହରାଇ,
ଭୁରଙ୍ଗପତି ମରୁଛି ଝୁର, ନ କରବ ପୁରେ ଯାଇ । ପଦ ।
ନାହିଁ କାହିଁ ପ୍ରୟୋଜନ, ରହି ଏ ଗହନ ବନ
ଅନକ୍ଷର ସେବାତତ୍ପର ହେବ ତପସ୍ୱିନୀ ହୋଇ । ୧ ।
ଏହି ଅଚ୍ଛୋଦରେ ସ୍ନାନ ରତ ମୋ ଜୀବଜୀବନ
କରକବଳ୍ଲିତ ଦନ୍ତ ଅକ୍ଷମାଳ ଘରଣ୍ଡଦ କରବଇଁ । ୨ ।

ଯାହା ସେ ମହାପୁରୁଷ  କହିଅଛନ୍ତି ପ୍ରକାଶ,
କଷ୍ଟେ କଷ୍ଟେ ସଖି, ତନୁ ଥିବ ରଖି, ସାର୍ଥ ହେବାଯାଏ ତାହି ।"

ତରଳକା— ଭର୍ତ୍ତୃଦାରକେ ! ଏପରି କଲେ ତୁମ୍ଭର ଜନକ ଜନନୀ କପରି ବ୍ୟାକୁଳ ନ ହେବେ ? ହେତୁ କି, ସେମାନଙ୍କର ତୁମ୍ଭେ ଜୀବନସର୍ବସ୍ୱ ଏକମାତ୍ର ପୁତ୍ରୀ ।

ମହାଶ୍ୱେତା— ତରଳକେ ! ଏଣିକି ମୋହର ତାତ ଅବା ସୁଖ ସମ୍ପଦ ଆଦି ଆବଶ୍ୟକ ନାହିଁ । ପ୍ରିୟତମ ବିନା ଏ ଜଗତ ଶୂନ୍ୟ ଦିଶୁଅଛି, ତୁ ଗୃହକୁ ଯାଅ, ଗୁରୁଜନଙ୍କୁ ମୋହର ଏ ଦୁର୍ଦ୍ଦଶା ଜଣାଇ ମୋହ ଲାଗି ଦୁଃଖିତ ହେବେ ନାହିଁ ବୋଲି ଅନୁରୋଧ କରିବୁ । ତରଳକେ ! ସେମାନଙ୍କର ମୋପରି ତୋଠାରେ ସୁଦ୍ଧା ସ୍ନେହ, ଏହେତୁରୁ ସର୍ବଦା ତାହାଙ୍କ ନିକଟରେ ରହି ସେବା କରୁଥିବୁ ।

ତରଳକା— ଭର୍ତ୍ତୃଦାରକେ ! ମନରେ କି ବିଚାରି ଏହି ଆଦେଶ ଦେଲ ? ତାଲ ଆଦି । ଯୋଏ ଦାଦାସ୍ତ୍ରୀ ଗାନୃତ ପ୍ରଭ ।୮।
ଉଚିତ ହେଲା କି ତକ ଦାସୀରେ ଭାଷ ପରୁଷ ଗିର । ପଦ ।

ମୋର ଆଜୀବ ସଜ ସଜୀବ ପଦସେବା ନିକର,
ତା ବିନା ବାସଲୁ ଫେରାଇବାର । ୧ ।
ସୁଖ ଦୁଃଖରେ ତୁମ୍ଭ ପାଖରେ ଦିନ ନେବା ବିଚାର
ଅଛି ତା ନିଷ୍ଫଳ କରାଇବାର । ୨ ।

ଅବାଲ୍ୟରୁ ମୁଁ ତୁମ୍ଭ ଛାମୁରେ ସେବା କରି ସକଳ ସୁଖ ପାଇଅଛି, ଏବେ ଏକମାତ୍ର ଦୁଃଖ ପଡ଼ିଲା ବୋଲି ତୁମ୍ଭଙ୍କୁ ଏ ଅବସ୍ଥାରେ ଛାଡ଼ି ଯିବି ? ମୁଁ ଏଡ଼େ ସ୍ୱାର୍ଥପିଶାଚୀ ? ତୁମ୍ଭର ଯେପରି ନିର୍ବନ୍ଧ, ମୋର ସୁଦ୍ଧା ସେହିପରି, ଏ ଶରୀରରେ ପ୍ରାଣ ଥିବା ପର୍ଯ୍ୟନ୍ତ ମୁଁ ତୁମ୍ଭଙ୍କୁ କଦାପି ଛାଡ଼ି ପାରିବି ନାହିଁ ।

ମହାଶ୍ୱେତା— ଯଦି ମୋ କପାଳରେ କଷ୍ଟ ଭୋଗ କରିବାର ଲେଖାଅଛି, ତେବେ ତାହା କଏ ଆନ କରି ପାରିବ ? ( କମଣ୍ଡଳୁ ବଲ୍କଳ ଆଦି ଧରି ) ତରଳିକେ ! ଚାଲ ଯାଇ ଯେଉଁ ଗୁହା ଦେଖିଥିଲେ, ସେଠାକୁ ଯିବା । ( ଯାଉ ଯାଉ )

ମନ୍ଦାକ୍ରାନ୍ତା ।

ହା ହା ଦୈବ ପ୍ରଣୟିଲହରୀ ଇନ୍ଦ୍ରଜାଲ ପ୍ରକାଶି
ପ୍ରାଣେଶଙ୍କୁ ଯଶ୍ୱ କଲୁ ଜବେ ମୋ ସୁଖାଶା ବିନାଶି ।
ଦାନା ଯାନା ପରି ବୁଡ଼ିଲି ହା ଶୋକସିନ୍ଧୁ ପ୍ରବାହେ
କେବେ କାଳେ ଲଭିବ ସୁଦଶା କଷ୍ଟସ୍ୟେ କ୍ଷାନ୍ତ ହୋଇ । ୧ ।

( ଦୁହେଁ ନିଷ୍କ୍ରାନ୍ତ )

ତୃତୀୟାଙ୍କ ସମ୍ପୂର୍ଣ୍ଣ ।

# ଚତୁର୍ଥ ଅଙ୍କ ।

## ପ୍ରଥମଦୃଶ୍ୟ ।

( ମନୋରମ ଓ ପଦ୍ମନାଭ ପ୍ରବେଶ )

ମନୋରମ— ଏଥିରେ ରହସ୍ୟ କଣ ଅଛି ? ଶୁଣ, ମହାଶ୍ୱେତାବିରହ-ହେତୁ ପୁଣ୍ଡରୀକ ପ୍ରାଣୋତ୍କ୍ରମଣ ପୂର୍ବରୁ ଚନ୍ଦ୍ରଙ୍କୁ ଶାପ ଦେଲେ । ଚନ୍ଦ୍ର ସୁଦ୍ଧା ପୁଣ୍ଡରୀକଙ୍କ ପ୍ରତିଶାପ ଦେଲେ । ପରେ ପୁଣ୍ଡରୀକ ଶବ ଘେନି ଚନ୍ଦ୍ର ସ୍ୱର୍ଲୋକକୁ ଯିବାରୁ ଶୋକାନ୍ଧ କପିଞ୍ଜଳ ତାହାଙ୍କ ପଛେ ପଛେ ଗଲେ, ଯାଉଁ ଯାଉଁ ମାର୍ଗରେ ଏକ ଆକାଶପଥଗାମୀ ଋଷିଙ୍କ ଦେହରେ ତାହାଙ୍କ ପାଦ ବାଜିବାରୁ ଏ ଉଦ୍ଧତ ପଣରୁ ତୁ ମର୍ତ୍ତ୍ୟଲୋକରେ ଅଶ୍ୱ ହୁଅ ବୋଲି ସେ ଋଷି କପିଞ୍ଜଳଙ୍କୁ ଶାପ ଦେଲେ, ଇତ୍ୟାଦି ସମ୍ବାଦ ଯାହା ମୁଁ ପୂର୍ବେ କହିଥିଲି, ତାହା ତୁମ୍ଭ ସ୍ମରଣ ଅଛି ?

ପଦ୍ମନାଭ — ହଁ, ସେ ସବୁ ସ୍ମରଣ ଅଛି, ସେ ଶାପ ପ୍ରମାଣେ ଉଜ୍ଜୟିନୀର ରାଜା ତାରାପୀଡ଼ଙ୍କର ବୃଦ୍ଧ ବୟସରେ ପୁତ୍ର ଜାତ ହେଲା ସେହି ଚନ୍ଦ୍ରଙ୍କ ଅବତାର ଚନ୍ଦ୍ରାପୀଡ଼ । ଏବଂ ତାରାପୀଡ଼ଙ୍କ ବ୍ରାହ୍ମଣ ମନ୍ତ୍ରୀ ଶୁକନାଶଙ୍କର ମଧ୍ୟ ଠିକ୍ ରାଜପୁତ୍ରଙ୍କ ଜନ୍ମ ସମୟରେ ବୈଶମ୍ପାୟନ ନାମକ ପୁତ୍ର ହେଲେ । ସେ ପୁଣ୍ଡରୀକ, ଏହା ମଧ୍ୟ ସ୍ମରଣ ଅଛି ।

ମନୋରମ — ତେବେ ଅନନ୍ତର ବୃତ୍ତାନ୍ତ ଶୁଣ । ଚନ୍ଦ୍ରାପୀଡ଼ ଏବଂ ବୈଶମ୍ପାୟନ ଷୋଡ଼ଶ ବର୍ଷ ମଧ୍ୟରେ ସକଳ ବିଦ୍ୟା ସମ୍ପାଦନ

ହେଲେ, ସେତେବେଳେ ତାରାପୀଡ଼ ନିଜ ପୁତ୍ରଙ୍କୁ ଯୌବରାଜ୍ୟରେ ଅଭିଷିକ୍ତ କରି ତାଙ୍କ ବହିଃପ୍ରାଣ ବୈଶମ୍ପାୟନଙ୍କ ସଙ୍ଗେ ତାହାଙ୍କୁ ଅଗଣିତ ସୈନ୍ୟ ଦେଇ ଦିଗ୍ବିଜୟ ଲାଗି ପଠାଇଲେ, ତଦନୁସାରେ ସେ ଦୁହେଁ ତିନି ବର୍ଷ ମଧ୍ୟରେ ନିଜର ଅତୁଳ ଭୁଜପ୍ରତାପ ପ୍ରକାଶ କରି ପୂର୍ବ ଦକ୍ଷିଣ ପଶ୍ଚିମ ଦିଗସ୍ଥ ସକଳ ଦେଶ ଜୟ କରି ବର୍ତ୍ତମାନ ଉତ୍ତର ଦିଗର ଶେଷ ସୀମା ହିମାଳୟର ପାଦଦେଶସ୍ଥିତ ସୁବର୍ଣ୍ଣପୁର ନଗରରେ ବିଶ୍ରାମ କରୁଅଛନ୍ତି ।

ପଦ୍ମନାଭ — ଏଣିକି ଶୀଘ୍ର ଉଜ୍ଜୟିନୀକୁ ବାହୁଡ଼ି ଯିବେ ?

ମନାରକ — ଶୀଘ୍ର ଯାଇଥାନ୍ତେ, କିନ୍ତୁ ଚନ୍ଦ୍ରାପୀଡ଼ ଆଜ ପ୍ରାତଃକାଳରେ ମୃଗୟା କରିବା ଲାଗି ଆପଣାର ଇନ୍ଦ୍ରାୟୁଧ ନାମ ଅଶ୍ୱ— ସେ ଅଶ୍ୱ କିଏ ବୁଝିଲ ? କପିଞ୍ଜଳ; ତା ଉପରେ ବସି ସନ୍ନିକଟସ୍ଥ ଅରଣ୍ୟକୁ ଗଲେ, ସେଠାରେ ଏକ ଅଶ୍ୱମୁଖ କିନ୍ନରମିଥୁନ ତାହାଙ୍କ ଦୃଷ୍ଟିରେ ପଡ଼ିଲା । ତାହାକୁ ଧରିବା ଆଶାରେ ଚନ୍ଦ୍ରାପୀଡ଼ ତାହା ପଛେ ପଛେ ବହୁଦୂର ଗୋଡ଼ାଇ ପରିଶେଷରେ ଚିତ୍ରରଥ ବନ ସମୀପକୁ ଆସିଲେ । ସେହି ସ୍ଥଳରେ ସେହି ମିଥୁନ ଅଦୃଶ୍ୟ ହେବାରୁ ନିରାଶ ହୋଇ ତୃଷା ନିବାରଣାର୍ଥ ଜଳ ଅନ୍ୱେଷଣ କରି କରି ଅଚ୍ଛୋଦ ସରରେ ପହୁଞ୍ଚିଲେ । ଏ ବୃତ୍ତାନ୍ତ ଗୁରୁ ମହୋଦୟଙ୍କ ଜଣାଇ ଏଣିକି କଣ ହେବ, ତାହା ଦେଖିବା ଲାଗି ପୁନର୍ବାର ଅଚ୍ଛୋଦ ସରକୁ ଯିବା ।

ପଦ୍ମନାଭ — ଚନ୍ଦ୍ରାପୀଡ଼ ଓ ବୈଶମ୍ପାୟନଙ୍କର ପୂର୍ବଜନ୍ମ ସ୍ମରଣ ଅଛି ?

ମନାରକ — ନାହିଁ, ଶାପପ୍ରଭାବରୁ ତାହା ନଷ୍ଟ ହୋଇଅଛି । ଏବେ ଚଳମ୍ ହେଲ୍ ଯାଉଛି ।

ପଦ୍ମନାଭ— ରହ ରହ, ଆଉ ଗୋଟିଏ କଥା ପଚାରିବ । ତୁମ୍ଭ ଗୁରୁଙ୍କ ପୁତ୍ର ପୁଣ୍ଡରୀକ ଅର୍ଥାତ୍ ଏ ଜନ୍ମରେ ବୈଶମ୍ପାୟନ, ତାଙ୍କ ନିକଟକୁ ତୁମ୍ଭେ ଯିବାର କଥା, ତାହା ଛାଡ଼ି ଏବେ ଚନ୍ଦ୍ରା-ପୀଡ଼ଙ୍କଠାକୁ କାହିଁକି ଯାଉଅଛ ?

ମନ୍ଦାରକ— ଏହିଁର ରହସ୍ୟ ଗୁରୁଙ୍କୁ ଗୋଚର, ମତେ କିଛି ଜଣା ନାହିଁ, ତାହାଙ୍କର ଆଜ୍ଞା ପ୍ରମାଣେ ମୁଁ ଯାତାୟାତ କରୁଅଛି ।

ପଦ୍ମନାଭ— ତେବେ ଯାଅ, ମୁଁ ମଧ୍ୟା ନିଜ ଗୁରୁଙ୍କ ଆଶ୍ରମକୁ ଯିବି ।
( ଦୁହେଁ ନିଷ୍କ୍ରାନ୍ତ ) ।

( ଦ୍ୱିତୀୟ ଦୃଶ୍ୟ—ଅଚ୍ଛୋଦସରତୀର । ଚନ୍ଦ୍ରାପୀଡ଼ ପ୍ରବେଶ )

ଚନ୍ଦ୍ରାପୀଡ଼— ରାଗ ବେଶଡ଼ା । ତାଳ ରୂପକ । କଞ୍ଜନୟନ ପ୍ରଭୃ ।ଏହି
କେତେ ଦୂରକୁ ବାହାର ସଙ୍ଗେ ଆସିଅଛି ନାହିଁ ଜାଣି ହାର । ପଦ ।
ଆହା ବାଳକର ମତେ ଯାହା ଆଚରଲି ମତେ
ତାହା ହାସ୍ୟ ହୁଏ ପ୍ରତେ, ନ ହସିବେ କେବା ହେଉ । ୧ ।
ଜନସଞ୍ଚାରବିହୀନ, ଘନ ଶାଖୀତରୁଚ୍ଛନ୍ନ,
ବନ ପ୍ରଦେଶେ ଅୟନ ନୟନ ନ ପାରେ ବାଉ । ୨ ।
କିନ୍ନରଯୁଗଳ ଦେଖି, ଭିନ୍ନ ଭାବ ଚିତ୍ତେ ରଖି,
ଖିନ୍ନ ଭ୍ରମେ ମୁଁ ଏକାକୀ, ସୈନ୍ୟ ସଖା ନ ପଛର । ୩ ।

ଏବେ ମୋ ମିତ୍ର ବୈଶମ୍ପାୟନ ଏବଂ ଚତୁରଙ୍ଗ ସୈନ୍ୟ କେତେ ଦୂରରେ ରହିଲେ ? ଦ୍ରୁତଗାମୀ ଇନ୍ଦ୍ରାୟୁଧ ଅଳ୍ପ-କ୍ଷଣରେ କେତେଦୂର ଆସିଅଛି ? ତାହା ମୁଁ କିଛି କଳି ପାରୁ ନାହିଁ । କାହାକୁ ପଚାରି ପୁନର୍ବାର ମୁଁ ସ୍କନ୍ଧାବାରରେ ପହଞ୍ଚିବି ? କିନ୍ତୁ ମୋହର ଏହି ନିଷ୍ଫଳ ତୁରଗମୁଖାବସରଣ ଏହି ସ୍ୱପ୍ନମାନଙ୍କର ଦିବ୍ୟ ସରୋବର ସଂଦର୍ଶନରେ ସଫଳ ହୋଇଅଛି । ଆହା !

ରାଗ ଭୈରବୀ । ତାଳ ତ୍ରିପୁଟା । ଦ୍ୱନ୍ଦ୍ୱାରକାଭୁବନ ପ୍ରତି । ୩୦ ।

ସାରସରସୀ କି ଦରଶେ, ସାରସରସି ବିଲସେ,
ସାରସ ବନ୍ଧୁ କିରଣେ ସୌରଭ ଦଶେ ବିଦଶେ । ପଦ ।
ଭ୍ରମରେ ଛହିଁ ଭରଣେ, ଭ୍ରମରେ ଅଛ ଉଭସେ,
ଭ୍ରମନ୍ତ ମନ ହରଣେ ଭ୍ରମରେ ଯୁକ୍ତ ଅନଶେ । ୧ ।
ଆଦରଶରେ କମଳ ଆଦର ହରେ ସଲିଳ,
ମାଦକେ ମୀନ ସକଳ ଖେଳନ୍ତ୍ର ଏଥି କ ରସେ । ୨ ।

ଦେଖିଲେ ଏହ ଗ୍ରାବନା ହେଉଅଛୁ କି ଏହା ଜଳରୂପୀ ତ୍ରିଭୁବନ ପୁଣ୍ୟରାଶି ? କିଂବା ତ୍ରୈଲୋକ୍ୟଲକ୍ଷ୍ମୀର ମଣିଦର୍ପଣ ? ଅବା ବସୁନ୍ଧରା ଦେବୀଙ୍କର ସ୍ଫଟିକ ଭୂମି-ଗୃହ ? ଅଥବା ଦ୍ରବୀଭୂତ ହରିଶ୍ଚନ୍ଦ୍ର ହରହାସ ? ଚନ୍ଦ୍ରାସ୍ତ୍ରୟଙ୍କୁ ପ୍ରଥମରେ ସ୍ନାନରେ ଜଳପାନ କରାଇ ତୀରସ୍ଥ କୋମଳ ତୃଣ ଚରିବାକୁ ଛାଡ଼ି ଦେଇଅଛୁ । ଏବେ ମୁଁ ସୁଦ୍ଧା ଜଳ ପାନ କରି ଶ୍ରମ ନିବାରଣ କରିବି । (ଜଳପାନାଭିନୟ କରି) ଆହା ! କି ମଧୁର, କି ଶୀତଳ, କି ସୁବାସିତ ! ଏହା ଅପେକ୍ଷା ଅମୃତରେ ଅଧିକ କି ମାଧୁର୍ଯ୍ୟ ଅଛି ? ଏବେ ମଧ୍ୟାହ୍ନ ହୋଇଅଛି, ଅତଏବ ସୂର୍ଯ୍ୟ ତାପ ନ୍ୟୂନ ହେବାଯାଏ ଏହି ସୁଶୀତଳ ଛାୟାଯୁକ୍ତ ତଟ ଶିଳା ତଳରେ ସକଳ କମଳ ଦଳରେ ଶଯ୍ୟା ରଚି ଶ୍ରମ ହରଣ କରିବି । ପରେ ସ୍ୱର୍ଣ୍ଣପୁର ମାର୍ଗ କଣ୍ଟସୂରେ ଜଣା ନ ପଡ଼ିଲେ ସୂର୍ଯ୍ୟ ଅନୁମାନ କରି କରି ଦକ୍ଷିଣ ଦିଗ ଅଡ଼େ ଯିବି ।

ନେପଥ୍ୟେ— ଗୀତଧ୍ୱନି ।

ଚନ୍ଦ୍ରାପୀଡ଼— ଏ ଅମାନୁଷୀ ଭୂମିରେ ବୀଣାଝଙ୍କାରମିଶ୍ରିତ ସୁମଧୁର ଗୀତ-ଧ୍ୱନି କେଉଁଠାରେ ? (ପୁନର୍ବାର ଶୁଣି) ଆହା ହା ! କି ମଧୁର !

ଗୀତ ।

ମୁଖରୁ ଖସାଇ କୋମଳ ଦୂର୍ବାଗ୍ରାସ ଉଠାଇ ଶ୍ରବଣ,
ଏହି ଅମୃତୋପମ ସୁମଧୁର ଗୀତ ଅନୁରୋଧରେ ହରିଣଗଣ
ପ୍ରବଳ ଉତ୍ସାହେ, ପଶ୍ଚିମ ଦଗ ଭାଗେ ଧାଏଁ ।
ଏଠାରେ କ୍ରମେ କ୍ରମେ ଅଲ୍ଲୋଗାନନ୍ଦପରମ୍ପରା ଘଟୁଅଛୁ ।
ସମୀପରେ ଦେବାଳୟ ଦଶୁଛୁ । ଏହି ସଙ୍ଗୀତ ତହିଁରୁ
ନିର୍ଗତ ହେଉଅଛୁ । ଏବେ ସେଠାକୁ ଯିବ ।
( ନିକଟକୁ ଯିବା )
( ଦୃଶ୍ୟ—ଶିବମନ୍ଦିରସ୍ଥା ମହାଶ୍ୱେତା ପ୍ରବେଶ )

ରାଗ ନାଟ୍ଟନାମ କ୍ରିୟା । ତାଳ ଆଟ । କର୍ପୂର ଗୌରପ୍ରଭ । ୩୧ ।

ନମୋ ଗିରୀଶ, ଶମ୍ଭୋ ମହେଶ,
ପରମପୁରୁଷ ପ୍ରଭୋ ତ୍ରିପୁରହାର । ପଦ ।
ଅଛି ଅରକ୍ଷ ବାଳା ମୁଁ ଦକ୍ଷ—
ମଖଧ୍ୱଂସକର ଗଜ ଅଜିନଧାର ।
ପ୍ରପନ୍ନ ତ୍ରାଣ, କୃପାନିପୁଣ,
ଅସମ ମହିମାର୍ଣ୍ଣବ ରଖ ଉଦ୍ଧାର । ୧ ।
ଶ୍ରୀପଦଦାସୀ ଯାଉଛି ଭାସି
ତ୍ୱପଦନଦରେ ପଡ଼ି କର ହେ ପାର ।
ରକ୍ଷକ ଦକ୍ଷ ଦାତା ହେ ମୋକ୍ଷ
କରବ କଦନ ମୋତେ ଶୁଣି ଗୁହାର । ୨ ।
( ଧ୍ୟାନରେ ରହିବା )

ଚନ୍ଦ୍ରାପୀଡ଼—( ସାଶ୍ଚର୍ଯ୍ୟ ) ଏ ରମଣୀ କିଏ ?

ରାଗ ବଳହଂସ । ତାଳ ଆଦ । କାନୁଗୋପିକା ପ୍ରଭ । ୩୨ ।

କି କମୋହନ ଏ ରୂପ ଲାବଣ୍ୟ । ପଦ ।

ଅତନୁକୁ ଅବା ସତକୁ କରିବା
ଯତନୁ ପାର୍ବତୀପତି ସେବେ ରତି ।
ନିର୍ଜ୍ଜର ନଗରୀ ନିର୍ଜ୍ଜରୀ କି ଅର
ବପୁ ଅବଟର ଅଛି ଏ ରୂପିନ ।୧।
କିବା ଏ କାନନ ନିବାସିନୀ ହୂନ
ଲକ୍ଷ୍ମୀ ଶିବାର୍ଚ୍ଚନ କରେ ପ୍ରତିଦିନ,
ବିଧୁ ମୂର୍ତ୍ତି କି ଏ ବିଧୁ ନୁଦୟେ
ବିଧୁତନୁଦୟେ ବିଶେଷ ପ୍ରବନ୍ଧ ।୨।
ଜମ୍ବୁଦ୍ୱୀପ ଶୋଭା ବନ କନ ଅବା
ଶ୍ୱେତଦ୍ୱୀପଶିଖୀ ଆସିଛି ବିହରି,
ମାନସୀସ୍ଥ ଯତି ଧ୍ୟାନ ସୁସମ୍ପତ୍ତି
କିବା ଗ୍ରନ୍ଥବତୀ ହୋଇ ବିଦ୍ୟମାନ ।୩।

ଆହା ! ଏହାଙ୍କ ଦେହ କାନ୍ତି ଚନ୍ଦ୍ରିକା ମୁକ୍ତା ଫଳ ସଦ୍ୟଛେଦ ଗଜଦନ୍ତ କର୍ପୂର ପ୍ରଭୃତିକୁ ତୁଚ୍ଛ କରୁଅଛି । ଏହି ଯୁବତୀ ପାଶୁପତ ଦୀକ୍ଷା ଗ୍ରହଣ କରି ଅଧିକତର ସୁନ୍ଦରୀ ହୋଇଅଛନ୍ତି । ଏହାଙ୍କର ଏହି ଦିବ୍ୟାକୃତି ତଥା ମଧୁର ସ୍ୱରରୁ ବୋଧ ହୁଏ ଏ କୌଣସି ଗନ୍ଧର୍ବକନ୍ୟା ହୋଇଥିବେ । ଏ ସହସା ମୋ ଦୃଷ୍ଟିପଥରୁ ଅନ୍ତର୍ଦ୍ଧାନ ହେଉ ନାହାନ୍ତି, ଅଥବା ଗଗନ ତଳକୁ ଉଡ଼ି ଯାଉ ନାହାନ୍ତି, ଅତଏବ ପଶ୍ଚାତ ଏହାଙ୍କ ଚରିତ ବୁଝିବି । ଏ ମହଦାଶ୍ଚର୍ଯ୍ୟର ସ୍ଥାନ । ଏହାଙ୍କ ଧ୍ୟାନ ଶେଷ ହେବାଯାଏ ନିରୀକ୍ଷଣ କରିବି ।

ମହାଶ୍ୱେତା—(ଧ୍ୟାନାନ୍ତେ ଶିବଙ୍କୁ ପ୍ରଦକ୍ଷିଣ ପ୍ରଣାମ କରି ଚନ୍ଦ୍ରାପୀଡ଼ଙ୍କୁ ଚାହିଁବା)

ଚନ୍ଦ୍ରାପୀଡ଼—( ସ୍ୱଗତ ) ଆହା ! ଏହି ପବିତ୍ର ଦୃଷ୍ଟିପାତରୁ ମୁଁ ଆପଣାକୁ ବିଶୁଦ୍ଧ ତୀର୍ଥ ଜଳରେ ସ୍ନାତ ମଣୁଅଛି ।

ମହାଶ୍ୱେତା— ଅତିଥି ମହାଭାଗଙ୍କର ସ୍ୱାଗତ ?

ଚନ୍ଦ୍ରାପୀଡ଼— ( ସ୍ୱଗତ ) ମତେ ଗୃହିଁ ଅଦୃଶ୍ୟ ହେବା ବମ୍ପା ହରନ୍ତି ପ୍ରକାଶ କରିବା ଜେଣେ ଥାନ୍ତି, ଅତି ବିନୟରେ ସ୍ୱାଗତ ପଚାରୁଅଛନ୍ତି । ଏଣୁ ମୋ ପ୍ରଶ୍ନାଶା କୁତୂହଳ ବେଳକୁ ବେଳ ବଢ଼ୁଅଛୁ । ( ପ୍ରକାଶ ) ଭଗବତି ! ମୁଁ ପ୍ରଣାମ କରୁଅଛୁ ।

ମହାଶ୍ୱେତା— ମହାଭାଗ ! ବସ, ତୁମ୍ଭେ କିଏ ? କପରି ଏ ପ୍ରଦେଶକୁ ଆସିଲ ? ଏଠାରେ ସାଧାରଣ ମନୁଷ୍ୟ ସଞ୍ଚାର ନାହିଁ ।

ଚନ୍ଦ୍ରାପୀଡ଼— ଭଗବତି ! ଉଜ୍ଜୟିନୀର ରାଜାଧିରାଜ ତାରାପୀଡ଼ଙ୍କର ମୁଁ ପୁତ୍ର, ମୋ ନାମ ଚନ୍ଦ୍ରାପୀଡ଼, ମୁଁ ପିତ୍ରାଜ୍ଞାରେ ସକଳ ଦିଗ ବିଜୟ କରି ଉତ୍ତରରେ ହିମାଳୟର ପାଦଦେଶସ୍ଥିତ ସୁବର୍ଣ୍ଣପୁରରେ କେତେକ ଦିନ ବିଶ୍ରାମ କରି ଅଦ୍ୟ ପ୍ରାତଃକାଳରେ ମୃଗୟା ବିନୋଦାର୍ଥେ ବାହାରି ଏକ କିନ୍ନର ମିଥୁନ ପଛରେ ଗୋଡ଼ାଇ ଏ ସରୋବର ତୀରରେ ପହଞ୍ଚିଲି, ପରେ ତୁମ୍ଭର ସୁମଧୁର ଗାନ ଶ୍ରବଣ କରି ଏଠାକୁ ଆସି ତୁମ୍ଭ ଦର୍ଶନରେ ଆପଣାକୁ ଚରିତାର୍ଥ କଲି ।

ମହାଶ୍ୱେତା— ମହାଭାଗ ! ତେବେ ତୁମ୍ଭେ ଶ୍ରମଯୁକ୍ତ ହୋଇଅଛ, ମୋ ସଙ୍ଗେ ମୋ ଆଶ୍ରମକୁ ଚାଲ, କିଞ୍ଚିତ ଆତିଥ୍ୟ ଗ୍ରହଣ କରିବ ।

ଚନ୍ଦ୍ରାପୀଡ଼— ଅଞ୍ଜଳୀ ଗୀତ ।

ଦେଖି ତୁମ୍ଭର ଏ ସୌମ୍ୟ ମୂରତି ଶୁଣି ପୁଣି ଅମୃତକ୍ଷରା ଭାରତୀ,
କ୍ଷୁଧା ତୃଷାସହ ମୋ ସକଳ ଶ୍ରାନ୍ତି ହରଣ ଅଛୁ ହୋଇ ।
ଆଉ ବିଶେଷ ଆତିଥ୍ୟର ପ୍ରୟୋଜନ କିଣ ? କିନ୍ତୁ ମୁଁ
ମାନୁଷଜାତିସୁଲଭ ଲଘିମାରୁ କିଛୁ ପ୍ରଶ୍ନ କରିବି, ଯଦି ତାହା
ତୁମ୍ଭର ଖେଦକର ନୁହେ, ତେବେ ଅନୁଗ୍ରହ କରି ଏହାର
ଉତ୍ତର ଦିଅ ।

ମହାଶ୍ୱେତା— ମହାଭାଗ ! ଅଶଙ୍କିତ ଚିତ୍ତରେ ପ୍ରଶ୍ନ କରନ୍ତୁ ।

ଚନ୍ଦ୍ରାପୀଡ଼— ଭଗବତି ! ଦେବ ଋଷି ଗନ୍ଧର୍ବ ଗୁହ୍ୟକ ଅପ୍ସରସ ଏମାନଙ୍କ କେଉଁ କୁଳକୁ ତୁମ୍ଭେ ନିଜ ଜନ୍ମରେ ଅଳଂକୃତ କରିଅଛ ? ଏହି କୁସୁମସୁକୁମାର ନବ ବୟସରେ ଏ ବ୍ରତ ଗ୍ରହଣ କାହିଁକି ? ଏ ଲାବଣ୍ୟାତିଶଯ୍ୟ, ଏ ଆକୃତି କେଉଁଠାରେ ? ପୁଣି ଏହି ଇନ୍ଦ୍ରିୟନିଗ୍ରହ, ଏ ତପସ୍ୟା କେଉଁଠାରେ ? ନାନା ସ୍ଥାନରେ ତପୋଧନମାନଙ୍କ ଆଶ୍ରମଥାଉଁ ଥାଉଁ ଏଠାରେ ତୁମ୍ଭେ ଏକାକିନୀ ନିର୍ଜନ ବନରେ କାହିଁକି ବାସ କରିଅଛ ? ତୁମ୍ଭର ଏହି ପାଞ୍ଚଭୌତିକ ଶରୀରର ଏତାଦୃଶ ଧବଳତା କିପରି ? ଏ ସକଳ ଦେଖି ମୁଁ ମହାଭୂତ ରସରେ ମଗ୍ନ ହେଉଅଛୁ ।

ମହାଶ୍ୱେତା— ( କ୍ଷଣେ ମୌନ ରହି ପଟାଞ୍ଚଳରେ ଅଶ୍ରୁ ପୋଛିବା )

ଚନ୍ଦ୍ରାପୀଡ଼— ( ସ୍ୱଗତ ) ମୁଁ ପ୍ରଶ୍ନ କଲା ମାତ୍ରେ ଏ ରୋଦନ କରୁଛନ୍ତି, ଏହା ଦେଖି ଚରିତ ଶ୍ରବଣ ଉତ୍କଣ୍ଠା ମୋ ମନରେ ବଳବତୀ ହେଉଅଛି । ଏ ଶୋକର କାରଣ ସାମାନ୍ୟ ହୋଇଥିଲେ ଏତାଦୃଶୀ ମୂର୍ତ୍ତି ସ୍ମରଣ ମାତ୍ରେ ଏଡ଼େ ଶୋକାବେଗ କିପରି ପାଆନ୍ତେ ? (ପ୍ରକାଶ) ଭଗବତି ! ମୁଁ ପ୍ରଶ୍ନ କରି ଏ ଦୁଃଖର କାରଣ ହୋଇଅଛି; ମତେ କ୍ଷମା କର ।

ମହାଶ୍ୱେତା— ( ନିଶ୍ୱାସ ଛାଡ଼ି ) ଅନ୍ତଲୀ ଗୀତ ।

ନିର୍ଘୃଣହୃଦୟୀ ମନଭାଗିନୀ, ଲଜ୍ଜାହୀନା ମୁହିଁ ପାତକିନୀ,
ମୋହର ଏ କଥା କ୍ଲେଶକାରିଣୀ, ଶୁଣି କି ଲାଭ ହେବ ।

ଯେବେ ଶୁଣିବାକୁ ତୁମ୍ଭର ନିତାନ୍ତ ଇଚ୍ଛା ଅଛି, ତେବେ ଶୁଣ । ତୁମ୍ଭପରି ସତ୍ପୁରୁଷମାନଙ୍କ କହିଲେ ଏହି ଦୁଃଖର ଭାର କିଛି ନ୍ୟୂନ ହୋଇ ପାରେ ।

ଚନ୍ଦ୍ରାପୀଡ଼— ଭଗବତି ! କୁହ, ମୁଁ ଶୁଣିବାକୁ ଉତ୍କଣ୍ଠିତ ହୋଇଅଛୁ ।

ମହାଶ୍ୱେତା— ରାଜପୁତ୍ର ! ଶୁଣିଥିବ, ଦେବଲୋକରେ ଅପ୍ସରାମାନଙ୍କର ଚତୁର୍ଦ୍ଦଶ କୁଳ ଅଛି, ତନ୍ମଧ୍ୟରେ ଏକ ଅମୃତସମ୍ଭବ, ଦ୍ୱିତୀୟ ଚନ୍ଦ୍ରକିରଣସମ୍ଭୂତ । ସେହି ଚନ୍ଦ୍ର ବଂଶରେ ମୋ ଜନନୀ ଗୌରୀଙ୍କ ଜନ୍ମ । ଦକ୍ଷଙ୍କର ଦୁଇ ସୁତା, ପ୍ରଥମା ମୁନି, ଦ୍ୱିତୀୟା ଅରିଷ୍ଟା । ଏ ଦୁହିଙ୍କଠାରୁ ଗନ୍ଧର୍ବମାନଙ୍କର ଦୁଇକୁଳ ଉଦ୍ଭବ । ଅରିଷ୍ଟାଙ୍କ ଛ ପୁତ୍ର ମଧ୍ୟରେ ରୂପ ଗୁଣରେ ଶ୍ରେଷ୍ଠ ହଂସ, ଦ୍ୱିତୀୟ ଗନ୍ଧର୍ବ କୁଳର ରାଜା ସେହି ମୋହର ପିତା । ଏଠାରୁ ଅଳ୍ପ ଦୂରରେ ଭାରତବର୍ଷର ଉତ୍ତରବର୍ତ୍ତୀ କିଂପୁରୁଷବର୍ଷର ହେମକୂଟ ପର୍ବତ ଆମ୍ଭମାନଙ୍କ ନିବାସ । ସେହି ଦୁଇ ମହାତ୍ମାଙ୍କଠାରୁ ମୁହିଁ କୁଲକ୍ଷଣୀ ଶୋକକାରିଣୀ ଏକମାତ୍ର ଦୁହିତା ସମ୍ଭୂତା ହେଲି । ମୋ ଶରୀର ବର୍ଣ୍ଣ ଦେଖି ମତେ ମହାଶ୍ୱେତା ନାମ ଦେଲେ, ମୁଁ ବାଲ୍ୟ ବୟସ ଅତି ସୁଖରେ ଅତିବାହିତ କରି ଯୌବନାବସ୍ଥାରେ ପଦାର୍ପଣ କଲି । ଏକଦା ବସନ୍ତ ସମୟରେ ମୋ ମାତାଙ୍କ ସଙ୍ଗେ ଏହି ସରୋବରରେ ସ୍ନାନ କରିବାକୁ ଆସିଥିଲି । ହା ଦୈବ ! ସେହି ପ୍ରଳୟଙ୍କର ଦିବସ ମନେ ପଡିଲେ ହୃଦୟ ସହସ୍ରଧା ବିଦୀର୍ଣ୍ଣ ହେଉଅଛି ।

( ଶୋକ କରିବା । )

ଚନ୍ଦ୍ରାପୀଡ଼— ଭଗବତି ! ମୁହିଁ ସେହି ଚରିତ ସ୍ମରଣ କରାଇ ତୁମ୍ଭଙ୍କୁ ପଦେ ପଦେ ଦୁଃଖ ଦେଉଅଛି ।

ମହାଶ୍ୱେତା— ତାଳ ଆଡ଼ା । ହାରେ ବନ୍ଧୁ ପ୍ରତି । ଏକ ।

ପବିତ୍ର ହୃଦୟପଟେ ଯେ ଭାବ ଅଙ୍କିତ ଦୃଢ଼ରେ ହୋଇଛି ଭାବ,
ତାହାର ସ୍ମରଣ କେ କରାଇବ, ତ୍ୟଜ ବୃଥା ଶଙ୍କା ମହାନୁଭାବ । ପଦ ।
ପ୍ରତି ରାତିରେ ତ କୋକଯୁବତୀ କାନ୍ତବିରହରେ ଦୁଃଖିନୀ ଅତି,
ତାହାକୁ ବିରହରାତିର ସ୍ମୃତି ଅଧିକ କରି କେ ଆଉ ଦେବ । ୧ ।

(ପ୍ରକାଶ) ଏ ଚରିତ ଏବେ ଶେଷ ହେବ ନାହିଁ, ଚାଲ ମୋ ନିବାସ ଗୁମ୍ଫାକୁ ଯାଇ ଅଳ୍ପ ଫଳ ମୂଳ ଭକ୍ଷଣ କରି ପରେ ଏ ମନ୍ଦଭାଗିନୀର ଚରିତ ଶୁଣିବ ।

ଚନ୍ଦ୍ରାପୀଡ଼— ଭଗବତି ! ତୁମ୍ଭର ଯେ ଆଜ୍ଞା ।

ମହାଶ୍ୱେତା— ତେବେ ମୋ ପଛେ ପଛେ ଆସ ।

ଚନ୍ଦ୍ରାପୀଡ଼— ସେପରି ହେଉ । (ସ୍ୱଗତ)

ଗୀତ ।

ଶରୀରଧାରୀ କିନ୍ନର ଯକ୍ଷ ଉରଗ ଗନ୍ଧର୍ବ ଅସୁର,
ବିଧି ନିୟୋଗକୁ ଆନ କରିବ ଏମନ୍ତ ଶକ୍ତି କାହାର ।
ନୋହିଲେ ଏହି କାନ୍ତା କରମେ ଦୁଃଖ କି ଘଟନ୍ତା ।

( ଦୁହେଁ ନିଷ୍କ୍ରାନ୍ତ । )

ଦ୍ୱିତୀୟ ଦୃଶ୍ୟ ।

( ସୁବର୍ଣ୍ଣପୁର ବନ । ବୈଶମ୍ପାୟନ ଓ ସେନାପତି ପ୍ରବେଶ । )

ବୈଶମ୍ପାୟନ—ସେନାପତି ! ସଙ୍ଗରେ ଯେତେ ଅଶ୍ୱାରୋହୀ ସାମନ୍ତ ରାଜପୁତ୍ରଗଣ ମୃଗୟା ନିମନ୍ତେ ଯାଇଥିଲେ, ସେ ସମସ୍ତେ ଲେଉଟି ଆସିଅଛନ୍ତି, କେବଳ ଅସ୍ମାକଂସହାୟ କୁମାର ମହାରଣ୍ୟରେ ପ୍ରବିଷ୍ଟ ହୋଇ ଏପର୍ଯ୍ୟନ୍ତ ପ୍ରତ୍ୟାବୃତ୍ତ ନୋହିଥିବାରୁ ମୋ ମନରେ ଆଶଙ୍କା ଜାତ ହେଉଅଛି ।

ସେନାପତି— ଅମାତ୍ୟପୁତ୍ର ! ଇନ୍ଦ୍ରାୟୁଧ ସମ ଅଶ୍ୱ କୁମାର ସମାନ ଆରୋହୀ ହୋଇଥିଲାଠାରେ ଏ ବନସ୍ଥଳରେ ଆଶଙ୍କାର ଅବସର କଣ ଅଛି ? ମନେ କଲେ ଇନ୍ଦ୍ରାୟୁଧ ମୁହୂର୍ତ୍ତକ ମଧ୍ୟରେ ବହୁ ଯୋଜନ ଅତିକ୍ରମ କରି ଶୀଘ୍ର ସ୍ୱସ୍ଥାନରେ ପ୍ରବିଷ୍ଟ ହୋଇ ପାରେ ।

ବୈଶମ୍ପାୟନ—ତଥାପି ଏ ଅପରିଚିତ ଏବଂ ମାନୁଷସଞ୍ଚାରରହିତ ମହାରଣ୍ୟ

ମାର୍ଗ ଦୁଷ୍ଟ ଶ୍ୱାପଦସଙ୍କୁଳ, ଅତଏବ ମନ ଉଦ୍ବିଗ୍ନ ହେଉ-ଅଛି ।

ସେନାପତି— ଦୈବାନୁଗ୍ରହରୁ କିଛି ଆଶଙ୍କା ସମ୍ଭବ ନାହିଁ, କୁମାରଙ୍କ ଅନ୍ୱେଷଣ ନିମନ୍ତେ ସୁଚତୁର ଅଶ୍ୱାରୋହଗଣ ଇନ୍ଦ୍ରାୟୁଧର ପଦାଙ୍କାନୁସରଣ କରି ବାହାରିଲେଣି ।

ବୈଶମ୍ପାୟନ—ଏହା ବୋଲି ନିଶ୍ଚିନ୍ତ ରହିବା ଉଚିତ ନୁହେ, ଚାଲ ଆମ୍ଭେମାନେ ସୁଦ୍ଧା ଅନ୍ୱେଷଣ କରି ଯିବା ।

ସେନାପତି— ହଁ ଅବଶ୍ୟ ଯିବା, କିନ୍ତୁ ଆପଣ ଏତେ ଉଦ୍ବିଗ୍ନ ହେଉଛନ୍ତି କାହିଁକି ?

ବୈଶମ୍ପାୟନ—ସେନାପତି ! ଆଜନ୍ମରୁ କୁମାରଙ୍କୁ ଛାଡି ଏକ ଅର୍ଦ୍ଧଯାମ ସୁଦ୍ଧା ମୁଁ ରହି ନାହିଁ, ଆଜି ସୂର୍ଯ୍ୟୋଦୟାବଧି ଏବେ ପ୍ରାୟ ଦିବସ ଶେଷ ହୋଇ ଆସିଅଛି, ତାହାଙ୍କ ଦର୍ଶନ ପାଇ ନାହିଁ ବୋଲି ମନ ସନ୍ତପ୍ତ ହେଉଅଛି ।

ସେନାପତି— ଯଥାର୍ଥରେ ତୁମ୍ଭ ଦୁହିଙ୍କର ସ୍ନେହ ସେହିପରି । ଚାଲ ରାଜ-ପୁତ୍ରଙ୍କ ଉଦ୍ଦେଶ୍ୟରେ ଚତୁରଙ୍ଗ ବଳ ସହିତ ଯିବା ।

ବୈଶମ୍ପାୟନ—ଶୀଘ୍ର ତାହା କରିବା ।   ( ଦୁହେଁ ନିଷ୍କ୍ରାନ୍ତ )

## ଚ ତୁ ର୍ଥ ଦୃ ଶ୍ୟ ।

{ ଗୁହାଦ୍ୱାରରେ ଶିଳାତଳେ ମୂର୍ଚ୍ଛିତା
ମହାଶ୍ୱେତା ଏବଂ ସସଂଭ୍ରମ ଚନ୍ଦ୍ରାପୀଡ଼ର ପ୍ରବେଶ }

ଚନ୍ଦ୍ରାପୀଡ଼— ଏ ଅତି ଶୋକଦାୟକ ସ୍ୱଚରିତ କହୁ କହୁ ମୂର୍ଚ୍ଛିତା ହୋଇ-ଅଛନ୍ତି । (ପଟାଞ୍ଚଳରେ ବାୟୁ) ଭଗବତି ! ଆଶ୍ୱସ୍ତା ହୁଅ ।

ମହାଶ୍ୱେତା— ( ଚେତା ପାଇ ବସିବା )

ଚନ୍ଦ୍ରାପୀଡ଼— ଭଗବତି ! ମୁଁ ପାପାତ୍ମା ତୁମ୍ଭର ଶୋକକୁ ପୁନରପି ଅଭିନବ କରାଇଲି, ଏଣିକି ଏ ଚରିତ କଥନ ରଖନ୍ତୁ । ଶୁଣିବାକୁ ସୁଦ୍ଧା ମୁଁ ଅସମର୍ଥ, ତୁମ୍ଭେ ଏପର୍ଯ୍ୟନ୍ତ କଷ୍ଟେ କଷ୍ଟେ ଯେଉଁ

ପ୍ରାଣ ରଖିଅଛି, ପୁନଃପୁନଃ ଶୋକ ସ୍ମରଣରୁ ତାହାର ଅପାୟ
ଆଶଙ୍କା ହେଉଅଛି ।

ମହାଶ୍ୱେତା— ରାଗ ହିନ୍ଦୁସ୍ଥାନୀ ଅସେବେରୀ, ତାଳ ଆଟ ।
କାହୁଁକି ବନ୍ଧୁର ଲଗାଇ ପ୍ରୀତି ।୩।
ମରଣ ନୋହିଲା ସେ ରାତି,
ଏବେ ସ୍ମରଣେ ହେବ ନାଶ ଆସି । ପଦ ।
ଯେ ଗତି ଅଗାଧସଦୃଶୀ, ଗୁରୁଜନଙ୍କ ଡର ବର୍ଜାସି,
ତନେ ଲଗାଇ ପୀରତିର ଫାଶି, ବନେ ଆଣିଲା ନିଜନେ ଆକର୍ଷି ।୧।
ପୁଣି ପ୍ରଳୟ ପରି ବଡ଼ି, ଅତି ସ୍ନେହଣ ଗୁଣ ପରକାଶି,
ମୋର ସୁଖ ସକଳ ଦେଇ ନାଶି, କଲା ଅନ୍ତରେ ଚିରବନବାସୀ ।୨।

ମୋ ଶରୀର କଷ୍ଟାନୁଭବ କରି କରି ବଜ୍ର ହୋଇ ଗଲାନି, ମୋହର ପାପର ଅତି ପ୍ରବଳତାରୁ ଭଗବାନ୍ ଅନ୍ତ୍ରକ ସୂତ୍ର ଦର୍ଶନ ଦେଉ ନାହାନ୍ତି, କଥାର ଅବଶେଷାଂଶ ଶୁଣ । ଏହି ହୃଦୟଦ୍ରାବକ ବାର୍ତ୍ତା ଶୁଣି ପରଦିବସ ତାତ ଅମ୍ବା ବନ୍ଧୁବର୍ଗ ସହିତ ଆସି ବହୁକାଳ କ୍ରନ୍ଦନ କରି ନାନାବିଧ ଉପାୟ ଉପଦେଶ ଦେଇ ମତେ ସ୍ୱଗୃହକୁ ନେବାଲାଗି ବହୁତ ଯତ୍ନ କଲେ, ପରଶେଷରେ ମୋହର ନିର୍ବନ୍ଧ ଆଗରେ ତାହାଙ୍କ ସକଳ ପ୍ରଯତ୍ନ ବିଫଳ ମଣି ଅପତ୍ୟସ୍ନେହରୁ ଅନେକ ଦିବସ ଏଠାରେ ରହି ଶେଷରେ କଷ୍ଟେ କଷ୍ଟେ ସ୍ୱରାଜଧାନୀକୁ ଗମନ କଲେ । ସେହି ସମୟରୁ ପ୍ରାଣେଶଙ୍କ ପ୍ରତି କେବଳ ଅଶ୍ରୁ ମୋକ୍ଷ ମାତ୍ର କୃତଜ୍ଞତା ଦେଖାଇ ଏହି ବାଞ୍ଛାରେ ସେହି ଦିବ୍ୟ ପୁରୁଷ ବାକ୍ୟରେ ଆଶା ରଖି ପ୍ରାଣ ଧରିଅଛି । ଏହି-ପରି ମୁଁ ନିର୍ଲଜ୍ଜା ନୃଶଂସା ବ୍ରାହ୍ମଣ-ବଧ-ମହାପାତକିନୀ ।

ଚନ୍ଦ୍ରାପୀଡ଼— ଭଗବତି ! ଯେ କ୍ଲେଶଭୀରୁ, ଅକୃତଜ୍ଞ, ସୁଖଲୁବ୍ଧ, ସେ ସ୍ନେହ ସଦୃଶ କର୍ମ କରିବାରେ ଅସମର୍ଥ ହୋଇ କେବଳ

ନିଷ୍ଫଳ ଅଶ୍ରୁପାତ ମାତ୍ରେ ସ୍ନେହ ଦେଖାଇ ରୋଦନ କରେ, କିନ୍ତୁ ତୁମ୍ଭେ ପ୍ରେମୋଚିତ କେଉଁ କାର୍ଯ୍ୟ କର ନାହିଁ ବୋଲି ଅଶ୍ରୁମୋଚନ କରିବ ?

ରାଗ ଝିଞ୍ଜୋଟ, ତାଳ ଆଡ଼ । ଯୋଉଯୂନ୍ମାଦାନା ପ୍ରଭୃ । ୩୫ ।

ଆଉ କି କରିବ ସତୀସୀମନ୍ତମଣି ।
ଯା ଉଚିତ ଥିଲା ତାହା କରି ଦେଲଣି । ପଦ ।
ଶିରୀଷ ଶ୍ରୀଅଙ୍ଗଦେଶ    କୁଳିଶ ସମାନ କ୍ଲେଶ
ଧାତ୍ରୀଙ୍କ ସହି ରହିଛୁ ନାହିଁ କି ଜାଣି । ୧ ।
ସକଳ ବିଳାସଶିରୀ    ସତ୍ସ୍ୱଗୀ ଭୂଷ କରି,
ଏହି ବ୍ରତ ଅଛ ଧରି ଶୁଭଲକ୍ଷଣୀ । ୨ ।
ପ୍ରିୟଙ୍କ ଲାଗି କେବଳ    ଏ ବନ ଭବନ କଲ,
ବରଜି ଜନନୀ ତାତ ବାନ୍ଧବଶ୍ରେଣୀ । ୩ ।

ମହାଶ୍ୱେତା —ରାଜପୁତ୍ର ! ଏ ସକଳ ଯାହାଙ୍କ ଲାଗି କରୁଅଛି, ଏତେକାଳ ହେଲେ ସୁଦ୍ଧା ତାହାଙ୍କ ଦର୍ଶନ ପାଇଲି ନାହିଁ ! ହା ! ସହଗମନ କରିଥିଲେ ପରଲୋକରେ ତାହାଙ୍କ ସଙ୍ଗେ ସୁଖ ପାଇଥାନ୍ତି, ତାହା ନୋହି ଏହି ସୁଦୀର୍ଘ ଯାତନା ଭୋଗ କରୁଅଛି !

ଚନ୍ଦ୍ରାପୀଡ଼ —ଭଗବତି ! ସହଗମନ ଅତି ନିଷ୍ଫଳ ଅଜ୍ଞାନପଦ୍ଧତି । ପିତା ଭ୍ରାତା ମିତ୍ର ଭର୍ତ୍ତା ଏମାନଙ୍କୁ କେହି ପରଲୋକ ଗମନ କଲେ ସ୍ନେହ ଦୁଃଖରେ ସ୍ୱପ୍ରାଣ ଯଦି ନଷ୍ଟ କରାଯାଏ, ତାହା ଉତ୍ତମ । ନୋହେତ୍ ତାହାଙ୍କ ବିରହବେଦନା ସହି ହେବ ନାହିଁ ବୋଲି ବଳାତ୍କାରେ ପ୍ରାଣ ବିସର୍ଜନ କରିବାଟା ନିତାନ୍ତ ମୂର୍ଖତା । ଏଥିରୁ ମୃତ ବ୍ୟକ୍ତିର କି ଉପକାର ହେବ ? କେବଳ ଆତ୍ମହତ୍ୟାପାତକ ମାତ୍ର ସାର । ପତିର ମରଣ ପରେ ପତ୍ନୀ ପ୍ରାଣଧାରଣ କରି ପରଲୋକଗତ ପତିର

ବହୁପ୍ରକାର କରିପାରେ । ରତି, କୁନ୍ତୀ, ଉତ୍ତରା, ସୁଶୀଳା ପ୍ରଭୃତି ସହସ୍ର ସୁରାସୁରନରକନ୍ୟାଗଣ ଭର୍ତ୍ତୃରହିତା ହୋଇ ଜୀବନଧାରଣ କରିଅଛନ୍ତି ।

ମହାଶ୍ୱେତା— ମହାଭାଗ ! ରତି ପୁନର୍ବାର ନିଜ କାନ୍ତ ମଦନଙ୍କୁ ଲାଭ କଲା ପ୍ରାୟ ସତେ କି ମୁଁ ମୋ କାନ୍ତଙ୍କ ପଦ୍ମମୁଖ ଦର୍ଶନ କରିବି ?

ଚନ୍ଦ୍ରାପୀଡ଼— ଭଗବତି ! ତାହା ମୁଁ କହୁଥିଲି । ଯଦି ପ୍ରିୟସମାଗମ ସନ୍ଦିଗ୍ଧ ହୁଅନ୍ତା, ତେବେ ପ୍ରାଣତ୍ୟାଗ ଏକପ୍ରକାର ଉଚିତ ବୋଲି ଯାଆନ୍ତା । ତୁମ୍ଭେ ନିଜେ ସେହି ମହାପୁରୁଷଙ୍କ ବାକ୍ୟ ଶୁଣିଅଛ । ତାଦୃଶ ଅପ୍ରାକୃତ ମହାତ୍ମାମାନଙ୍କ ବାକ୍ୟ କେତେ ବଳବତ୍ତର କାରଣ ଥିଲେ ସୁଦ୍ଧା କଦାପି ମିଥ୍ୟାପଦ ହେବା ସମ୍ଭବ ନାହିଁ । ଯେଉଁପ୍ରକାର ଆଲୋଚନା କଲେ ସୁଦ୍ଧା ଜୀବଦାନ ବିନା କଳେବର ହରଣ କରିବାର ଅନ୍ୟ କାରଣ ଜଣାଯାଉ ନାହିଁ ।

ମହାଶ୍ୱେତା— ମହାଭାଗ ! ମୃତବ୍ୟକ୍ତିର ପୁନରୁଜ୍ଜୀବନ ପ୍ରାୟଶଃ ଅସମ୍ଭବ ।

ଚନ୍ଦ୍ରାପୀଡ଼— ରାଗ ପିଲୁ । ତାଳ ଆଡ଼ା । ଜୟ ଜୟ ଜୟ ପ୍ରଭୁ । ୬୬ ।

ଏପରି କେତେ ଅଛି ଦୃଷ୍ଟାନ୍ତେ, ସତି ଭୁଲେ ମନେ ଆଣ ।
ମୃତ୍ୟୁ ଯମର ସ୍ଥାନୁଁ କୁଶର ହରି ଆଣିଲେ କର ଜାଣ । ପଦ ।
ଯୁଦ୍ଧେ ଅର୍ଜୁନ ବଭ୍ରୁବାହନ କରେ ହାରିବାରୁ ପ୍ରାଣ,
ଘଗଲଭକ୍ତା ନାଗକନ୍ୟକା ବଶୁ ପାଇଲେ ଜୀବଦାନ । ୧ ।
ମାତୃଗର୍ଭସ୍ଥ ଉତ୍ତରାସୁତ ମୃତ ଦ୍ରୋଣିର ପତ୍ର ବାଣ,
ଦେବବନ୍ଦିତ ଦେବକୀସୁତ ପୁଣି ଜୀବନ ଦେଲେ ଜାଣ । ୨ ।

ଅତଏବ ଶୋକ ନ କରି ଧୈର୍ଯ୍ୟ ଧାରଣ କର । ଆପଣାକୁ ନନ୍ଦା ନ କର । ଅତି ଗହନ ସଂସାର ପଥରେ କେବଳ ଧୀର ଜନ ସ୍ୱଚ୍ଛନ୍ଦରେ ବିହାର କରିପାରେ ।

ମହାଶ୍ୱେତା— ମହାତ୍ମନ ! ତୁମ୍ଭର ଏହି ଯୁକ୍ତିପୂର୍ଣ୍ଣ ଶୁଭପ୍ରଦ ସମଧୁର ଉପଦେଶ ଶ୍ରବଣରେ ମୋ ସନ୍ତପ୍ତ ପ୍ରାଣ କଥଞ୍ଚିତ ଶୀତଳ ହେଲା । ତୁମ୍ଭ ସମାନ ସତ୍ପୁରୁଷ ଅନ୍ୟର କଲ୍ୟାଣ କରିବା-ଲାଗି ଜଗତରେ ଜନ୍ମ ଗ୍ରହଣ କରିଥାନ୍ତି ।

ଚନ୍ଦ୍ରାପୀଡ଼— ( ସ୍ୱଗତ ) ଭଗବତି ! ତୁମ୍ଭର ସେହି ବନବାସବ୍ୟସନ-ସହଚରୀ ତରଳିକା କାହିଁ ?

ମହାଶ୍ୱେତା— ତାହାକୁ ମୁଁ କାଦମ୍ବରୀ ନିକଟକୁ ପଠାଇଅଛି ।

ଚନ୍ଦ୍ରାପୀଡ଼— କାଦମ୍ବରୀ କିଏ ?

ମହାଶ୍ୱେତା— ତୁମ୍ଭକୁ ପ୍ରଥମରେ କହିଅଛି, ଦକ୍ଷଙ୍କ ଦୁଇ ସୁତାଙ୍କଠାରୁ ଦୁଇ ଗନ୍ଧର୍ବକୁଳ ଉତ୍ପନ୍ନ ତହିଁରୁ ପ୍ରଥମ ସୁତା ମୁନିଙ୍କ ଷୋଡ଼ଶ ପୁତ୍ର ମଧ୍ୟରେ ସକଳ ଗୁଣବିଶିଷ୍ଟ ଚିତ୍ରରଥ ସମଗ୍ର ଗନ୍ଧର୍ବକୁଳର ଅଧିପତି ଇନ୍ଦ୍ରଙ୍କ ମିତ୍ର । ମୋ ପିତାଙ୍କ ଅପେକ୍ଷା ତାହାଙ୍କ ଅଧିକାର ଅଧିକ । ସେହି ଏହି ଚିତ୍ରରଥ କାମ କାନନ, ଏହି ଅଚ୍ଛୋଦ ସର, ଏହି ଶିବ ମନ୍ଦିର ନିର୍ମାଣ କରାଇଅଛନ୍ତି । ଅମୃତସମ୍ଭବ ଅପ୍ସରକୁଳରୁ ମଦିରା ନାମ୍ନୀ କନ୍ୟା ଜାତ ହେଲେ, ସେହି ତାହାଙ୍କ ସହଧର୍ମିଣୀ । କାଦମ୍ବରୀ ସେ ଦୁହିଁଙ୍କର ଏକମାତ୍ର ଜୀବିତନିର୍ବିଶେଷ ପୁତ୍ରୀ ।

ରାଗ ହିନ୍ଦୁସ୍ଥାନୀ ଭୈରବୀ, ତାଳ ଆଡ଼ ।
ହାମାର ଗୃହବାସ ଶି ନା ବାସ ପ୍ରଭୃ ।ଅମ
ତାହାର ମୋହର ଏକ ପରାଣ,
ଶରୀର ମାତ୍ର ଦୁଇ ଏହାହିଁ ପ୍ରମାଣ । ପଦ ।
ଅଶନ ଶୟନ ପାନ ଆସନ ନର୍ତ୍ତନ ଗାନ
ପଠନ ଖେଳନ ସବୁ ଏକା ସ୍ଥାନେ ଜାଣ । ୧ ।
ଅଜନମୁ ଏତେ ସର ପ୍ରୀତି ଅନୁଭବ କରି
ଥିଲୁ ଦୁଇବେ ଏପରି ଜଳ ଭିନ୍ନ ମୀନ । ୨ ।

ଚନ୍ଦ୍ରାପୀଡ଼—ସାମ୍ୟଗାନରେ ପ୍ରୀତି ଅଧିକ ଦେଖାଯାଏ । ତହିଁ ଉତ୍ତାରୁ ?

ମହାଶ୍ୱେତା— ସେହି କାଦମ୍ବରୀ ମୋହର ଏହି ଦୁର୍ଦ୍ଦଶା ଶ୍ରବଣରେ ଶୋକାକୁଳା ହୋଇ ଏହି ନିର୍ଦ୍ଧାରଣ କରିଅଛି କି ମହାଶ୍ୱେତାର ଶୋକାନ୍ତ ନ ହେବାଯାଏ ମୁଁ କଦାପି ବିବାହ ଅଙ୍ଗୀକାର କରିବି ନାହିଁ ।

ଚନ୍ଦ୍ରାପୀଡ଼— ଧନ୍ୟ ପ୍ରେମବିଳସିତ ! ତହିଁ ଉତ୍ତାରୁ ?

ମହାଶ୍ୱେତା— ଅନେକ ଥର ସଖୀବୃନ୍ଦ ନିକଟରେ ସେ କହିଅଛି, ମୋ ନିଶ୍ଚୟକୁ ଅନ୍ୟଥା କରି ଯଦି ତାତ ବଳାତ୍କାରେ ମୋତେ ବିବାହିତା କରିବେ, ତେବେ ମୁଁ ଅନଶନ ଅଗ୍ନି ବିଷ ଗଳରଜ୍ଜୁ କୌଣସି ପ୍ରକାରେ ହେଲେ ପ୍ରାଣ ଛାଡ଼ିବି ।

ଚନ୍ଦ୍ରାପୀଡ଼— ଭଗବତି ! ତାହାଙ୍କ ଏହି ନିର୍ଦ୍ଧାରଣ ଅଦ୍ୟାପି ଅଛି ?

ମହାଶ୍ୱେତା— ଅବଶ୍ୟ ଅଛି, ତାହାର ଏହି ନିଶ୍ଚୟ ଜାତ ଚିତ୍ରରଥ ଶୁଣି ଚିନ୍ତିତ ହୋଇ ଅନ୍ୟ ଉପାୟ ନ ପାଇ ଆଜି ପ୍ରାତଃକାଳରେ ମୋଠାକୁ କଞ୍ଚୁକୀ ହାତରେ କହି ପଠାଇଲେ କି, ବତ୍ସେ ମହାଶ୍ୱେତେ ! ପ୍ରଥମରେ ତୋହର ସ୍ଥିତିରୁ ଆମ୍ଭେମାନେ ଅତି ଦୁଃଖିତ, ତହିଁ ପରେ କାଦମ୍ବରୀର ଏହି ନିଶ୍ଚୟ ଶୁଣି ମର୍ମ୍ମାହତ ହୋଇଅଛୁଁ । ଏବେ ତାହାର ମନ ଫେରାଇବାକୁ ତୋ ବିନା ଅନ୍ୟ ଶରଣ ନାହିଁ ।

ଚନ୍ଦ୍ରାପୀଡ଼— ତହିଁ ଉତ୍ତାରୁ ?

ମହାଶ୍ୱେତା— ଗୁରୁଜନ ଗୌରବରୁ ମୁଁ ସୁଦ୍ଧା ସେହି କଞ୍ଚୁକୀ ସହିତ ତରଳିକାକୁ କିଛି ସନ୍ଦେଶ ଦେଇ କାଦମ୍ବରୀଠାକୁ ପଠାଇଅଛି ।

ଚନ୍ଦ୍ରାପୀଡ଼ ।— ଭଗବତି ! କି ସନ୍ଦେଶ ?

ମହାଶ୍ୱେତା ।— ଝିଙ୍କଲୀ ଗୀତ ।

ପ୍ରଥମରୁ ତ ମୁଁ ଅଟେ ଦୁଃଖିନୀ,
ତହିଁପରେ ଦୁଃଖ ଦେଉ କିଁପା ଆଣି ।
ଯଦି ମୋ ପ୍ରାଣେ ତୋ ଆଶା ଅଛି ଧନି, ଶୁଣ ଗୁରୁବଚନ ।

ଏହି ସନ୍ଦେଶ, ଏଥିରୁ ସେ ତ ଉତ୍ତର ଦେବ, ତାହା ଏହିକ୍ଷଣି ତରଳିକା ଆସି କହିବ ।

ଚନ୍ଦ୍ରାପୀଡ଼— ( ଦୂରରୁ ଚାହିଁ ) ଭଗବତି ! ଏକ ସ୍ତ୍ରୀ, ଏକ ତରୁଣ ପୁରୁଷ ଏଆଡ଼େ ଆସୁଅଛନ୍ତି ।

ମହାଶ୍ୱେତା— ( ଚାହିଁ ) ଏ ମୋହର ସଖୀ ତରଳିକା, ପୁଣି ଏ ପ୍ରିୟ ସଖୀ କାଦମ୍ବରୀର ବୀଣାବାହକ କେୟୂରକ ।

{ ତରଳିକା ଓ କେୟୂରକ ପ୍ରବେଶ କରି ମହାଶ୍ୱେତାଙ୍କୁ ପ୍ରଣାମ କରି ଚକିତ ନେତ୍ରରେ ଚନ୍ଦ୍ରାପୀଡ଼ଙ୍କୁ ଚାହିଁବା }

ମହାଶ୍ୱେତା— ତରଳିକେ ! କାଦମ୍ବରୀକି ଦେଖିଲୁ ? ସେ କୁଶଳରେ ଅଛି ? ମୋ ସନ୍ଦେଶ ପାଳିବ ତ ?

ତରଳିକା— ଭର୍ତ୍ତୃଦାରିକେ ! ଦେଖିଲି ସେ କୁଶଳିନୀ, ତୁମ୍ଭ ସନ୍ଦେଶ ତାହାଙ୍କୁ ଜଣାଇବାରୁ ପ୍ରଥମରେ ସେ ଅଶ୍ରୁପାତ କଲେ, ପରେ କେୟୂରକଦ୍ୱାରା କିଛି ପ୍ରତିସନ୍ଦେଶ ଦେଇଅଛନ୍ତି ।

ମହାଶ୍ୱେତା— କେୟୂରକ ! ସଖୀ କଣ କହିଅଛି ?

କେୟୂରକ— ଗାଢ଼ାଲିଙ୍ଗନ ପୂର୍ବକ ଦେବୀ କାଦମ୍ବରୀ ଏହା ଜଣାଇଅଛନ୍ତି, ସଖି ! ତୋ ସନ୍ଦେଶର ସାର କିଛି ବୁଝିଲି ନାହିଁ । ଏହା ପ୍ରେମପରୀକ୍ଷା ? ଅବା ଗୃହବାସର କପୁଣ ଉପାଳମ୍ଭ ? ତୁ ସେତେ ପ୍ରିୟବାଦିନୀ ହୋଇ ଏପରି ନିଷ୍ଠୁର କାହିଁକି ହେଲୁ ? ତୋହର ମୋହର ଏକପ୍ରାଣ, ତାହା ତୁ ସର୍ବଥା ସ୍ୱୀକାର କରିଅଛୁ, ଏପରିସ୍ଥଳେ ତୁ ପ୍ରିୟଜନବିରହରେ ମର୍ମଚ୍ଛିଦ ବେଦନା ପାଇ ବନରେ ଥିବୁ, ମୁଁ ମାତ୍ର ଆନନ୍ଦ-ସାଗରରେ ମଗ୍ନ ହୋଇ ସୁଖାନୁଭବ କରିବି ? ଏହା ତୋ ମୁଖରୁ କିପରି ବାହାରିଲା ? '

ଦଣ୍ଡି ।

ରବି ଅସ୍ତ ହେଲେ ଗୃହଁ ପଦ୍ମପୀଡ଼ା,
ସନ୍ଧ୍ୟାରୁ ନରେ ନାହିଁ କୋକ କ୍ରୀଡ଼ା ।
ଯଦି ପଶୁ ପକ୍ଷିର ଏହି ଆଚରଣ,
ହୋଇ ନାରୀ ନ କରିବି କି ତା ଜାଣ ।

ଅତଏବ ମୁଁ ତୋ ପାଦରେ ପଡ଼ୁଅଛି, ଏଥିକି ଏପରି ବିଷୟ-ସ୍ୱପ୍ନରେ ସୁଦ୍ଧା ମନେ କରିବୁ ନାହିଁ ।

ମହାଶ୍ୱେତା— ( କ୍ଷଣେ ବିଚାରି ) କେୟୂରକ ! ତୁ ଯାଅ, ମୁଁ ନିକଟେ ଆସି ସବୁ ବୁଝିବି ।

କେୟୂରକ— ଯେ ଆଜ୍ଞା । ( ନିଷ୍କ୍ରାନ୍ତ )

ମହାଶ୍ୱେତା— ରାଜପୁତ୍ର ! ଚିତ୍ରରଥ ରାଜଧାନୀ ଅତି ନିକଟ, ଗନ୍ଧର୍ବଗଣ ଅତି କୌତୁହଳବିଶିଷ୍ଟ, କାଦମ୍ବରୀ ଅତି ସରଳହୃଦୟା, ମହାନୁଭବା । ଯଦି ଏହା ତୁମ୍ଭର ଖେଦକର ନୁହେ, ତେବେ ମୋ ଅଭ୍ୟର୍ଥନା ବିଫଳ ନ କର, ମୋ ସଙ୍ଗେ ଆସି କାଦମ୍ବରୀର ମୋହ-ବିଳସିତ ଭ୍ରମଢକ ଅପନୋଦନ କର, ଏକ ଅହୋରାତ୍ର ସେଠାରେ ରହି ପୁନର୍ବାର ଏଠାକୁ ଆସିବ ।

ଚନ୍ଦ୍ରାପୀଡ଼— ଦର୍ଶନ ପ୍ରଭୃତି ମୁଁ ତୁମ୍ଭର ଶିଷ୍ଟ୍ୟପରି ଅଧୀନ ହୋଇଅଛି, ତୁମ୍ଭେ ଇଚ୍ଛାନୁସାରେ ମତେ କର୍ତ୍ତବ୍ୟରେ ନିଯୁକ୍ତ କରିପାର ।

ମହାଶ୍ୱେତା— ତୁମ୍ଭେ ମୋ ଅଭ୍ୟର୍ଥନା ରକ୍ଷା କରି ମତେ କୃତଜ୍ଞତାପାଶରେ ବନ୍ଧା କରିଅଛ । ଏବେ ସାୟଂ ସନ୍ଧ୍ୟା ଫଳାହାର ଆଦି କରି ଏହି ପଲ୍ଲବଶଯ୍ୟାରେ ସୁଖରେ ଶୟନ କର, ସୂର୍ଯ୍ୟ ଉଦୟ ହେଲେ ଯିବା । ଏବେ ମୁଁ ସନ୍ଧ୍ୟା ସ୍ନାନ କରିବାକୁ ଯିବି । ତରଳିକେ ! ତୁ ଯାଇ ଉତ୍ତମ ଉତ୍ତମ ଫଳ ନେଇ ଆସ ।

ତରଳିକା — ଯେ ଆଜ୍ଞା । ( ନିଷ୍କ୍ରାନ୍ତ )